**ସଂକ୍ଷେପରେ**

## ବ୍ୟବସାୟୀଙ୍କ ଅସ୍ୱାଭାବିକ ମୃତ୍ୟୁ

**ରୂପ୍ସା,୨୨।୧(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ଓଡ଼ଙ୍ଗୀ ପଞ୍ଚାୟତ ଅନ୍ତର୍ଗତ ତଳଅମରା ଗ୍ରାମର ଆଳୁ ବ୍ୟବସାୟୀ ଚକ୍ରଧର ପରିଡ଼ା (୬୦)ଙ୍କର ମଙ୍ଗଳବାର ରାତିରେ ଅସ୍ୱାଭାବିକ ମୃତ୍ୟୁ ହୋଇଛି। ସେ ହଳଦୀପଦା ସାପ୍ତାହିକ ହାଟରେ ଆଳୁ ଦୋକାନ ଦେଇଥିଲେ। ହଠାତ୍ ସେ ଅସୁସ୍ଥ ହୋଇ ଅଚେତ୍ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ଏକ ଘରୋଇ ଚିକିତ୍ସାଳୟକୁ ନେଇଥିଲେ ହେଁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା। ସେ ଦୀର୍ଘଦିନ ଧରି ଆଳୁ ବ୍ୟବସାୟ କରି ଗୁଜୁରାଣ ମେଣ୍ଟାଉଥିଲେ। ତାଙ୍କ ମୃତ୍ୟୁରେ ବ୍ୟବସାୟୀ ସଂଘ ସମେତ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ନୂତନ ବିଡ଼ିଓଙ୍କ ପଞ୍ଚାୟତ ପରିଦର୍ଶନ



**ରସାଲପୁର, ୨୨।୧(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକରେ ନୂତନ ଭାବେ ଯୋଗଦେଇଥିବା ବିଡ଼ିଓ ନରେନ୍ଦ୍ର ଖମାରୀ ଗତ ସୋମବାର ବ୍ଲକ କାର୍ଯ୍ୟାଳୟରେ ଯୋଗଦାନ କରି ପ୍ରାକ୍ତନ ବିଡ଼ିଓ ଶଙ୍କର୍ଷଣ ବେହେରାଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ପରେ ମଙ୍ଗଳବାର ବିଭିନ୍ନ ପଞ୍ଚାୟତ ପରିଦର୍ଶନ କରିଥିବା ବେଳେ ଗେଙ୍ଗୁଟି ପଞ୍ଚାୟତରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କ୍ୱାର୍ଟର୍ସ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ଉକ୍ତ କ୍ୱାର୍ଟର୍ସ ନିର୍ମାଣ ପାଇଁ ୬ଲକ୍ଷ ୫୦ହଜାର ଟଙ୍କା ବ୍ୟୟ ଅଟକଳ ହୋଇଥିବା ଜଣାପଡ଼ିଛି। ତତ୍‌ସହିତ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମିଳିଥିବା ଗୃହକୁ ଅନୁଧ୍ୟାନ କରିବା ସହିତ ହିତାଧିକାରୀମାନଙ୍କଠାରୁ ପଚାରି ବୁଝିଥିଲେ। ପରିଦର୍ଶନରେ କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ସାହୁ, ସରପଞ୍ଚ ବିରୁପାକ୍ଷ ମହାପାତ୍ର, କୃଷି ବିଭାଗର ଏଇଓ କାର୍ତ୍ତିକ ଚନ୍ଦ୍ର ବେହେରା, ଜେଇ ଚପଳା ଛନ୍ଦା ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଚରିତ୍ର ଗଠନ ଉପରେ ଗୁରୁତ୍ୱ

**ବାଲେଶ୍ୱର ଅଫିସ, ୨୨।୧:** ବାଲେଶ୍ୱର ସହର ସୁନହଟସ୍ଥିତ ବଳାଙ୍ଗୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ ବୁଧବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଫକୀରମୋହନ ସରକାରୀ ମେଡ଼ିକାଲ କଲେଜର ଅଧକ୍ଷ ଡା. ପ୍ରତାପ ରଥ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଚରିତ୍ର ଗଠନ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ଅଧକ୍ଷା ଅଞ୍ଜୁବାଳା ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଖବରଦାତା ସତ୍ୟଶିବ ଦାସ, ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଯୋଗଦେଇଥିଲେ। ଅଧାପକ ନିରଞ୍ଜନ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧାପକ ଉଜ୍ଜ୍ୱଳ ଚନ୍ଦ୍ର ନାୟକ ବେଦପାଠ ଓ ଅଧାପକ ବିଦ୍ୟାଧର ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅଧାପକ ଡ. ଉମାକାନ୍ତ ଜେନା, ଡ. ପର୍ଶୁରାମ ପଣ୍ଡା, ପରମାନନ୍ଦ ଭଦ୍ର, ହରେକୃଷ୍ଣ ପଲେଇ, ଉମାକାନ୍ତ ପଣ୍ଡା, ଅନୁଜ ଦାସ, ନିରଞ୍ଜନ ଜେନା, ସ୍ମୃତିରେଖା ଦତ୍ତ, ମମତା ବେହେରା, ଜ୍ୟୋତ୍ସ୍ନା ପଣ୍ଡା, ବିମଳେନ୍ଦୁ ଶେଖର ଦାସ, କମଳାକାନ୍ତ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ୫ ଶ୍ରେଣୀକୁ ୮୦ ଛାତ୍ରୀଛାତ୍ର, ୨ ଶିକ୍ଷକ

**ଜଳେଶ୍ୱର,୨୨।୧(ସ୍ୱ.ପ୍ର.)**

ସରକାର ଶିକ୍ଷାର ମାନ ବଢ଼ାଇବା ପାଇଁ ବିଭିନ୍ନ ଯୋଜନା କରୁଥିବା ବେଳେ ବାସ୍ତବ କ୍ଷେତ୍ରରେ ତାହା ଦେଖିବାକୁ ମିଳୁନାହିଁ। ବାଲେଶ୍ୱର ଜିଲାର ଜଳେଶ୍ୱର ଗୋଷ୍ଠୀ ଶିକ୍ଷା ଅଧୀନ ଖୁଆଡ଼ ପଞ୍ଚାୟତ ନୂଆଗାଁ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁ ଗ୍ରାମବାସୀ ଓ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରି ବୁଧବାର ଗେଟ୍‌ରେ ତାଲା ପକାଇଥିଲେ। ଏ ସମ୍ପର୍କରେ ଖବରପାଇ ଏବିଇଓ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶରେ ସିଆର୍‌ସିସି ରଞ୍ଜନ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚି ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଅଦ୍ୟାବଧି ଶିକ୍ଷକଙ୍କ କ୍ୟାଡର ଲିଷ୍ଟ ପ୍ରକାଶ ପାଇ ନ ଥିବାରୁ ସେଠାରେ ପ୍ରଧାନ ଶିକ୍ଷକ ନିଯୁକ୍ତ ହୋଇପାରିନାହିଁ ଓ ପରିସ୍ଥିତିକୁ ଲକ୍ଷ୍ୟ କରି ଅବିଳମ୍ବେ ଶିକ୍ଷକ ନିଯୁକ୍ତ କରାଯିବାକୁ ପ୍ରତିଶ୍ରୁତି ଦେବା ପରେ ଫାଟକରୁ ତାଲା



ଅଭିଭାବକମାନେ ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇଛନ୍ତି।

ଖୋଲାଯାଇଥିଲା। ନୂଆଗାଁ ପ୍ରାଥମିକ ବିଦ୍ୟାଳୟରେ ୫ଟି ଶ୍ରେଣୀରେ ୮୦ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରି ଆସୁଛନ୍ତି । ୨ ବର୍ଷ ପୂର୍ବରୁ ପ୍ରଧାନ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅଦ୍ୟାବଧି କାହାରିକୁ ନିଯୁକ୍ତି ମିଳିନାହିଁ। ଏବେ ୨ଜଣ ଶିକ୍ଷକ ଦ୍ୱାରା ୫ଟି ଶ୍ରେଣୀ ଚାଲିବା ସମ୍ଭବ ହୋଇପାରୁ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଗ୍ରାମବାସୀ ବିଇଓ, ଡିଇଓ ଓ ଜିଲାପାଳଙ୍କୁ ବାରମ୍ବାର ଆବେଦନ, ନିବେଦନ କରିଥିଲେ ସୁଦ୍ଧା

**ଗେଟ୍‌ରେ ତାଲା ପକାଇଲେ ଅଭିଭାବକ**

ଅଦ୍ୟାବଧି ଶିକ୍ଷକ ନିଯୁକ୍ତ ହୋଇ ନ ଥିବାରୁ ବୁଧବାର ଫାଟକରେ ତାଲା ପକାଇ ଦେଇଥିଲେ। ଛାତ୍ରୀଛାତ୍ର ଓ ୨ଜଣ ଶିକ୍ଷକ ବିଦ୍ୟାଳୟ ଆସି ଗେଟ୍‌ରେ ତାଲା ପଡ଼ିଥିବା ଦେଖି ସ୍କୁଲ ବାହାରେ ପାଠ ପଢାଇଥିଲେ। ଗ୍ରାମର ପୂର୍ଣ୍ଣଚନ୍ଦ୍ର ସେଠୀ, ରଣଜିତ୍ ଜେନା, ସୁଶାନ୍ତ ବାରିକ, ସଂଜୟ ବାରିକ, ସପନ ଦେ ଓ ସୁଦର୍ଶନ ବେହେରାଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ କରାଯାଇଥିଲା।

## ସଇପୁର ମୁନିମେଳା



ମୁନିମେଳାରେ ମୁଖ୍ୟଅତିଥିଙ୍କୁ ସ୍ୱାଗତ।

**ରସାଲପୁର, ୨୨।୧(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଗୁଡୁ ପଞ୍ଚାୟତ ଅନ୍ତର୍ଗତ ସଇପୁର ଗ୍ରାମର ଗେଙ୍ଗେଟାପଦାରେ ଶ୍ରୀଶ୍ରୀ ବୈଶିଷ୍ଠ ମୁନି ମେଳା ଆୟୋଜିତ ହୋଇଛି। ସଦର ବ୍ଲକ ପୂର୍ବତନ ଚେୟାରମ୍ୟାନ ସୁଦର୍ଶନ ରାଉତଙ୍କ ନେତୃତ୍ୱରେ ଆୟୋଜିତ ଏହି ମେଳା ୯ଦିନ ବ୍ୟାପୀ ଅନୁଷ୍ଠିତ ହେବ। ମୁଖ୍ୟଅତିଥି ଭାବେ ରେମୁଣା ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ ଉକ୍ତ ମେଳାକୁ ଉଜ୍ଜୀବିତ ରଖିଥିବାରୁ ପଞ୍ଚାୟତ ତଥା ଗ୍ରାମବାସୀଙ୍କୁ ସାଧୁବାଦ ଜଣାଇଥିଲେ। ଏଠାରେ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେଉଛି।

## ପାନୀୟ ଜଳ ପ୍ରକଳ୍ପ ଶିଳାନ୍ୟାସ



ଖାଲଡ଼ିହା ପାନୀୟଜଳ ପ୍ରକଳ୍ପକୁ ଅତିଥିମାନେ ଶିଳାନ୍ୟାସ କରୁଛନ୍ତି।

**ବାଲିଆପାଳ, ୨୨।୧(ଡି.ଏନ.ଏ.):** ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତ ଅଧୀନ ଖାଲଡ଼ିହା ଗ୍ରାମର ପାନୀୟଜଳ ପ୍ରକଳ୍ପ ମଙ୍ଗଳବାର ଶିଳାନ୍ୟାସ ହୋଇଯାଇଛି। ସରପଞ୍ଚ ଦୋଳଗୋବିନ୍ଦ ମୁର୍ମୁ ପ୍ରକଳ୍ପର ଶିଳାନ୍ୟାସ କରି ପାନୀୟ ଜଳ ସମସ୍ୟାର ସମାଧାନରେ ଏହା ସହାୟକ ହେବ ବୋଲି କହିଥିଲେ। ଗ୍ରାମ୍ୟ ମୁଖ୍ୟ ଶିଶିର ନାୟକ, ତ୍ରିଲୋଚନ ମୁଖୀ, କୀର୍ତ୍ତନ ଚନ୍ଦ୍ର ଦେ, ସୌମ୍ୟଦୀପ ଚକ୍ରବର୍ତ୍ତୀ, ଡ. ବଙ୍କିମ ଚନ୍ଦ୍ର ଜେନା, ଶିକ୍ଷାବିତ୍ ଖାଡ଼େଶ୍ୱର ପ୍ରଧାନ, ଗୋବିନ୍ଦ ଚନ୍ଦ୍ର ଦାସ, ୱାର୍ଡ଼ ସଦସ୍ୟା ଗୀତାରାଣୀ ଦଳାଇ ଓ ମନ୍ମଥ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଆରଡବ୍ଲ୍ୟୁଏସ୍‌ଏସ୍ ବିଭାଗ ପକ୍ଷରୁ ୧୫ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି।

# ‘ଚାକିରି ଜୀବନର ଲକ୍ଷ୍ୟ ନ ହେଉ’

**ସଜନାଗଡ଼, ୨୨।୧ (ଡି.ଏନ.ଏ.)**

ନୀଳଗିରି ବ୍ଲକ ବାଲିଗୋହିରିସ୍ଥିତ ରତ୍ନାକର ଟାଉନ ହାଇସ୍କୁଲର ୩୪ତମ ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରମାନେ ଚାକିରିକୁ ନିଜ ଜୀବନର ଲକ୍ଷ୍ୟ ନ ରଖି ଏକ ଭଲ ମଣିଷ ହୋଇ ଦେଶ ମାତୃକାର ଋଣ ଶୁଝିବା ପାଇଁ ସଂକଳ୍ପବଦ୍ଧ ହେବାକୁ ପରାମର୍ଶ ଦେଇଥିଲେ।

ବିଦ୍ୟାଳୟ ପ୍ରତିଷ୍ଠାତା ଇଂ. ଦୀପ୍ତିକାନ୍ତ ମହାପାତ୍ର ପୌରୋହିତ୍ୟ କରିଥିଲେ। ମୁଖ୍ୟବକ୍ତା ଭାବେ କବି ଶୁଭେନ୍ଦୁ ଦାସ ଯୋଗଦେଇ ନିଜ ସଂସ୍କୃତି ଓ ପରମ୍ପରାର ଉତ୍କର୍ଷତାକୁ ସର୍ବଦା ବଜାୟ ରଖିବା ପାଇଁ ସତତ ଚେଷ୍ଟିତ ହେଲେ ଛାତ୍ରୀଛାତ୍ରମାନେ ନିଜ ଜୀବନର ଅସଲ ଉଦ୍ଦେଶ୍ୟ ସଫଳତାର ସହ ସମାଧାନ କରିପାରିବେ ବୋଲି କହିଥିଲେ। ସମ୍ମାନନୀୟ



ବାର୍ଷିକ ଉତ୍ସବରେ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉଦ୍‌ବୋଧନ ଦେଉଛନ୍ତି।

ବକ୍ତା ଭାବେ ନୀଳଗିରି ମହିଳା ମହାବିଦ୍ୟାଳୟର ଅଧାପକ ପ୍ରଦୀପ୍ତ ମିଶ୍ର କାହାଣୀ ମାଧ୍ୟମରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଓ ଅଭିଭାବକମାନଙ୍କୁ ନିଜର କର୍ତ୍ତବ୍ୟ ସମ୍ପାଦନ କରିବାର ପ୍ରେରଣା ଦେଇଥିଲେ। ପ୍ରଧାନଶିକ୍ଷକ ବିନୋଦ ବିହାରୀ ପଣ୍ଡା ମଞ୍ଚାସୀନ ରହି ନାକରାତ୍ମକ ପରିସ୍ଥିତିର ବି ସକାରାତ୍ମକ ଦିଗକୁ ଆବିଷ୍କାର କରିବାର ପ୍ରଚେଷ୍ଟା ଜଣେ ଶିକ୍ଷାର୍ଥୀ ନିକଟରେ ରହିବା ଜରୁରୀ ବୋଲି ପ୍ରକାଶ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଘୁନାଥ ରଥ ମଞ୍ଚାସୀନ ରହି ଅନୁରୂପ ଭାବେ ଛାତ୍ରୀଛାତ୍ରମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ଛାତ୍ରୀ ତୃଷ୍ଣାଗିରି ଅତିଥିମାନଙ୍କ ମଞ୍ଚ ଆହ୍ୱାନ କରିଥିଲେ। ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ବିଦ୍ୟାଳୟ ପ୍ରଧାନଶିକ୍ଷକ ବିନୋଦ ବିହାରୀ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

## ୬ ଚୋରା ମଦ ବେପାରୀ ଗିରଫ

**ଜଳେଶ୍ୱର/ ସୋର, ୨୨।୧ (ସ୍ୱ.ପ୍ର./ ଡି.ଏନ.ଏ.):** ବାଲେଶ୍ୱର ଜିଲା ଅବକାରୀ ଅଧୀକ୍ଷକ ବିବେକାନନ୍ଦ ନାୟକଙ୍କ ନିର୍ଦ୍ଦେଶରେ ଜିଲା ଅବକାରୀ ଉପଅଧୀକ୍ଷକ ସେକ୍ ଅସିଫ ଅଲ୍ଲିଙ୍କ ନେତୃତ୍ୱରେ ବୁଧବାର ୧୫ ଜଣିଆ ଟିମ୍ ଉତ୍ତର ବାଲେଶ୍ୱରର ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ। ଜଳେଶ୍ୱର ଉପନିରୀକ୍ଷକ ହରପ୍ରଦାଦ ରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉପଳାହାଟ, ସିଆଁରୋଇ, ରଘୁଚକ, ନାଚିନ୍ଦା, ଆମିଧାନଗଡିଆ, ନାମ୍ପୋ, ତାଳବଣିଆ ଆଦି ଅଞ୍ଚଳରେ ଚଢାଉ କରି ୪ଜଣ ଚୋରା ମଦବେପାରୀଙ୍କୁ ଗିରଫ କରିବା ସହ ୪୮ଲିଟର ପଶ୍ଚିମବଙ୍ଗ ମାର୍କ ଦେଶୀ ମଦ ଜବତ କରିଛନ୍ତି । କେସ୍ ନଂ ୬୬, ୬୭ ଓ ୫୨, ୫୩/୨୦୨୦ରେ ମାମଲା ରୁଜୁ ହୋଇ ଅଭିଯୁକ୍ତମାନଙ୍କୁ ଜଳେଶ୍ୱର ଜେଏମ୍‌ଏଫସି ବିଚାର ହାଜତ୍‌କୁ ପଠାଇ ଦିଆଯାଇଛି । ଅଭିଯୁକ୍ତମାନେ ହେଲେ ନାମ୍ପୋ ଗାଁର ଶଙ୍କର ମୁର୍ମୁ, ଆମିଧାନ ଗଡିଆର ସଲମା ହାଁସଦା, ଉପଳାହାଟର ପଦ୍ମଲୋଚନ ସାହୁ, ଜଳଧାର ଦୟାନିଧି ଦାସ। ସେହିପରି ସୋର ଅବକାରୀ ଥାନା ପକ୍ଷରୁ ସୋର ଓ ସିମୁଳିଆ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୨ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ସୋର ଥାନା ଅଧୀନ ମାଣତ୍ରୀ ଗ୍ରାମର ସଂଗ୍ରାମ ମଲ୍ଲିକ, ସିମୁଳିଆ ଥାନା ଅଞ୍ଚଳର ଗୋବିନ୍ଦ ଚରଣ ପତି। ସେହି ସ୍ଥାନରୁ ଭଦ୍ରକ ନଛିପୁର ଗ୍ରାମର ଶରତ ବେହେରା ଓ ଗଣେଶ ବେହେରା ଚୋରା ମଦ ବିକ୍ରି କରୁଥିବା ବେଳେ ଫେରାର ହୋଇଯାଇଛନ୍ତି। ସମସ୍ତଙ୍କ ବିରୋଧରେ ସୋର ଅବକାରୀ ଥାନାରେ କେସ୍ ନଂ. ୯୦/୧୯–୨୦ ଓ ଖଇରା ଅବକାରୀ ଥାନାରେ କେସ୍ ନଂ. ୬୩/୧୯–୨୦ରେ ରୁଜୁ କରାଯାଇଛି।

# ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ

**ରୂପ୍ସା, ୨୨।୧ (ଡି.ଏନ.ଏ.):** ରୂପ୍ସା ଥାନା ପୋଡ଼ାଡ଼ିହା ଗ୍ରାମର ସ୍ୱେଚ୍ଛାସେବୀ ସଙ୍ଗଠନ ‘ଦିଶା’ ଆନୁକୂଲ୍ୟରେ ୨ଦିନ ବ୍ୟାପୀ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ମହାପାତ୍ର ହାଇସ୍କୁଲରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବିକାଶ ପରିଷଦର ସାଧାରଣ ସମ୍ପାଦକ ସୁଧାକର ଗିରି ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଉପଜିଲାପାଳ ନିଲୁ ମହାପାତ୍ର ଯୋଗଦେଇ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ପ୍ରଧାନଶିକ୍ଷୟିତ୍ରୀ ସରସ୍ୱତୀ ପ୍ରଧାନ, ପ୍ରଧାନଶିକ୍ଷକ ପର୍ଶୁରାମ ବେହେରା ଓ ସୁବଳ ବେହେରା, ଉପଦେଷ୍ଟା ସୁଜାତାରାଣୀ ପଣ୍ଡା ପ୍ରମୁଖ ମଞ୍ଚାସୀନ ହୋଇ ସ୍ୱାଧୀନ ରାଷ୍ଟ୍ର ଗଠନରେ ବାପୁଜୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସଙ୍ଗଠନ ସମ୍ପାଦକ ରଶ୍ମିରଞ୍ଜନ ଜେନା ସ୍ୱାଗତ ଭାଷଣ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ।

# ନୀଳଗିରି ମହାବିଦ୍ୟାଳୟରେ ଆଲୋଚନାଚକ୍ର

**ସଜନାଗଡ଼,୨୨।୧(ଡି.ଏନ.ଏ.):** ନୀଳଗିରି ମହାବିଦ୍ୟାଳୟ ଅଧୀନ ପର୍ଯ୍ୟଟନ ଓ ଆତିଥ୍ୟ ବିଭାଗ ପକ୍ଷରୁ ୟୁଜିସି ଦ୍ୱାରା ଅନୁଗୃହୀତ ହୋଇଥିବା ‘ପ୍ରସପେକ୍ଟ ଆଣ୍ଡ ଜବ୍ ପୋଟେନ୍‌ସିଆଲ ଅଫ୍ ହସ୍‌ପିଟାଲିଟି ମ୍ୟାନେଜ୍‌ମେଣ୍ଟ ଇନ୍ ଇଣ୍ଡିଆ’ ଶୀର୍ଷକ ଏକ ଆଲୋଚନାଚକ୍ର ବୁଧବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି।

ଆଲୋଚନାଚକ୍ରରେ ରିଜିଓନାଲ କଲେଜ ଅଫ୍ ମ୍ୟାନେଜ୍‌ମେଣ୍ଟର ପ୍ରଫେସର ରାଜକୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ନୋଡ଼ାଲ ଅଫିସର ଡ. ସୁବ୍ରତ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରିନ୍ସିପାଲ



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଓ ଛାତ୍ରୀମାନେ।

ପ୍ରଫେସର ଉମାକାନ୍ତ ଶତପଥୀ ସଭାପତିତ୍ୱ କରିଥିଲେ। ସହକାରୀ ପ୍ରାଧ୍ୟାପକ ଅଜିତ କୁମାର ନାୟକ ଥିମ୍ ଅଫ୍ ସେମିନାର ପାଠ କରିଥିଲେ। ଅଧାପିକା ମମତା ଦାସ, ଅଧାପକ ଡ. ଶଙ୍କର୍ଷଣ ନାୟକଙ୍କ ସମେତ ୭ଜଣ ଛାତ୍ରୀଛାତ୍ର ପେପର ପ୍ରେଜେଣ୍ଟ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧାପିକା, ଅଧାପକ ଓ କର୍ମଚାରୀ ସହଯୋଗ କରିଥିଲେ।

# ମୃତକଙ୍କ ପରିବାରକୁ ବୀମା ସହାୟତା



ଶଯ୍ୟାଶାୟୀ ସୁଲୋଚନାଙ୍କୁ ଚେକ୍ ପ୍ରଦାନ କରାଯାଉଛି।

**ଖଇରା, ୨୨।୧ (ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକର ମିର୍ଜାପୁର ସେବା ସମବାୟ ସମିତି ଅଧୀନରେ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଚାଷୀ କାଶୀନାଥ ମାଝୀଙ୍କ ସ୍ତ୍ରୀଙ୍କୁ ସମିତି ତରଫରୁ ମଙ୍ଗଳବାର ସନ୍ଧ୍ୟାରେ ବୀମା ସହାୟତା ରାଶି ପ୍ରଦାନ କରାଯାଇଛି । ଖଇରା କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ପରିଚାଳକ ସଞ୍ଜୟ କୁମାର ମହାନ୍ତି, ପରିଚାଳନା ବୋର୍ଡ ସଭାପତି ଦିଲୀପ କୁମାର ବେହେରା, ସମ୍ପାଦକ ଦେବାଶିଷ ପାଢୀ ମୃତ ମାଝିଙ୍କ ବାସଭବନକୁ ଯାଇ ଏବେ ଶଯ୍ୟାଶାୟୀ ଥିବା ପତ୍ନୀ ସୁଲୋଚନାଙ୍କୁ ୫ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବୋର୍ଡ ସଭ୍ୟ ବୁଲୁ ଲେଙ୍କା, କୈଳାସ ଦୃଷ୍ଟି ଉପସ୍ଥିତ ଥିଲେ। ପ୍ରକାଶଥାଉ କି, ୮ ମାସ ତଳେ କାଶୀନାଥ ପୁରୀରୁ ଜଗନ୍ନାଥ ଦର୍ଶନ ସାରି ଫେରୁଥିବା ବେଳେ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ପତ୍ନୀ ସୁଲୋଚନା ଗୁରୁତର ଆହତ ହୋଇଥିଲେ।

**ଭାରତୀୟ ରିଜର୍ଭ ବ୍ୟାଙ୍କ୍**
ସମ୍ପଦା ବିଭାଗ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
**ଟେଣ୍ଡର ବିଜ୍ଞପ୍ତି**
ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ମୁଖ୍ୟ କାର୍ଯ୍ୟାଳୟ ତଥା ଆବାସିକ ପରିସରରେ **2020-23** ସମୟ ଅବଧି ମଧ୍ୟରେ ରକ୍ଷଣ-ବେକ୍ଷଣ/ନବୀକରଣ କାର୍ଯ୍ୟଗୁଡ଼ିକ ପାଇଁ ସିଭିଲ ଏବଂ ବୈଦ୍ୟୁତୀୟ (ଇଲେକ୍ଟ୍ରିକାଲ) ଠିକାଦାର ମାନଙ୍କ **empanelment** କରିବା ପାଇଁ ଆବେଦନ ଆମନ୍ତ୍ରଣ କରୁଛି ।
ସମ୍ପଦା ବିଭାଗ (ଦ୍ୱିତୀୟ ମହଲା) ରେ 24 ଜାନୁୟାରୀ 2020 ଠାରୁ 13 ଫେବୃୟାରୀ 2020 ପର୍ଯ୍ୟନ୍ତ (କାର୍ଯ୍ୟାଳୟ ସମୟ ମଧ୍ୟରେ) ବିଭିନ୍ନ ଟେଣ୍ଡର, ଶ୍ରେଣୀ, ପୂର୍ବ ଯୋଗ୍ୟତା ମାନ୍ୟତା ମାନଦଣ୍ଡ, ଆବେଦନ ପତ୍ର ଆଦି ବିବରଣୀ ପ୍ରାପ୍ତ କରାଯାଇପାରିବ । ଅଧିକ ସୂଚନା ପାଇଁ ତଥା ଆବେଦନ ପତ୍ର ଡାଉନଲୋଡ କରିବାପାଇଁ ଦୟାକରି ବ୍ୟାଙ୍କ ୱେବ୍‌ସାଇଟ୍ **www.rbi.org.in** କୁ ଯାଆନ୍ତୁ ।
ଆବେଦନ ପତ୍ର ଜମା କରିବା ପାଇଁ ଅନ୍ତିମ ତାରିଖ 24 ଫେବୃୟାରୀ 2020 ଅଟେ ।
କ୍ଷେତ୍ରୀୟ ନିର୍ଦ୍ଦେଶକ

**ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ, ଏ/୩୨, ଖାରବେଳନଗର, ୟୁନିଟ୍- ୩ (ଶ୍ରୀୟା ଫିଲ୍ମ ହଲ୍ ନିକଟ), ଭୁବନେଶ୍ୱର - ୭୫୧୦୦୧
**କୋଟେସନ୍ ଆହ୍ୱାନ ନିମନ୍ତେ ବିଜ୍ଞପ୍ତି**
କମ୍ପ୍ରେହେନସିଭ୍ ପ୍ଲାନିଙ୍ଗ୍, ଡିଜାଇନିଙ୍ଗ୍ ଏବଂ ଫାୟାର ପ୍ରୋଟେକ୍ସନ୍ ବ୍ୟବସ୍ଥାର କାର୍ଯ୍ୟକାରୀ ନିମନ୍ତେ କନ୍‌ସଲଟାନ୍ସି ସେବା ପାଇଁ ଆବଶ୍ୟକୀୟ ଫର୍ମାଟରେ ଜଉ ମୁଦ୍ରିଆ ଲଫାପାରେ କୋଟେସନ୍ ଆହ୍ୱାନ କରାଯାଉଛି।
ଟେଣ୍ଡର କାଗଜାତ୍ ଏବଂ ସର୍ବିଶେଷ ବିବରଣୀ ନିମନ୍ତେ ବ୍ୟାଙ୍କର ୱେବ୍‌ସାଇଟ୍ **www.unitedbankofindia.com** ଦେଖନ୍ତୁ। ଟେଣ୍ଡରଗୁଡିକ **ତା୧୫.୦୨.୨୦୨୦ରିଖ** ଅପରାହ୍ନ **୩.୦୦ଘଟିକା** ପର୍ଯ୍ୟନ୍ତ ଗ୍ରହଣ କରାଯିବ ଏବଂ ଏହା ପରେ ସେହି ଦିନ **ଅପରାହ୍ନ ୪.୦୦ ଘଟିକା** ସମୟରେ ବିଡର/ପ୍ରତିନିଧିମାନଙ୍କ ଉପସ୍ଥିତିରେ ସେଗୁଡ଼ିକ ଖୋଲାଯିବ।
ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଟେଣ୍ଡର ପ୍ରକ୍ରିୟାରେ କୌଣସି ସମୟରେ ଯେକୌଣସି ଟେଣ୍ଡରକୁ କିମ୍ବା ସର୍ବନିମ୍ନ ଟେଣ୍ଡରକୁ ଗ୍ରହଣ କିମ୍ବା ଖାରଜ କିମ୍ବା ବିଡିଙ୍ଗ୍ ପ୍ରକ୍ରିୟାକୁ ବାତିଲ୍ କରିବାର ଅଖଣ୍ଡ କ୍ଷମତା ସଂରକ୍ଷିତ ରଖିଛନ୍ତି ।
ତାରିଖ: ୨୨.୦୧.୨୦୨୦ ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ

**ସମ୍ବଲପୁରୀ ବସ୍ତ୍ରାଳୟ**
**ସରସ୍ୱତୀ ପୂଜା ଉପଲକ୍ଷେ ବିଶେଷ ରିହାତି**
**୧୦%+୨୦%**
**ତା.୨୧।୦୧।୨୦୨୦ ରୁ ତା.୩୦।୦୧।୨୦୨୦ ପର୍ଯ୍ୟନ୍ତ**
**ନୂତନ ବସ୍ତ୍ରର ସମ୍ଭାର**
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ, ସୁଟ୍ ସେଟ ଇତ୍ୟାଦି।
**ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧି ଓ ନିମ୍ନୋକ୍ତ ପ୍ରଦର୍ଶନୀମାନଙ୍କଠାରେ ଉପଲବ୍ଧ ଅଟେ ।**

| ସ୍ଥାନ | | ଅବଧି |
|---|---|---|
| ୧. ରେଢାଖୋଲ ପ୍ରଦର୍ଶନୀ, ଖଣ୍ଡାଢିପ ଛକ, ରେଢାଖୋଲ | – | ତା.୨୧।୦୧।୨୦୨୦ ରୁ ତା.୦୨।୦୨।୨୦୨୦ |
| ୨. ରାମପୁର ପ୍ରଦର୍ଶନୀ, ବସଷ୍ଟାଣ୍ଡ ପାଖ, ରାମପୁର | – | ତା.୨୧।୦୧।୨୦୨୦ ରୁ ତା.୦୨।୦୨।୨୦୨୦ |
| ୩. ଭୁକ୍ତା ପ୍ରଦର୍ଶନୀ, ସାପ୍ତାହିକ ବଜାର ପାଖ, ଭୁକ୍ତା | – | ତା.୨୧।୦୧।୨୦୨୦ ରୁ ତା.୦୨।୦୨।୨୦୨୦ |
| ୪. ସମ୍ବଲପୁର ପ୍ରଦର୍ଶନୀ, ନାରୀ ସେବାସଦନ, ସମ୍ବଲପୁର | – | ତା.୨୫।୦୧।୨୦୨୦ ରୁ ତା.୩୦।୦୧।୨୦୨୦ |


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଷ୍ଟ୍ରେସଡ୍ ଆସେଟ୍‌ସ୍ ରିକଭରି ଶାଖା(SARB), କଟକ
ମଧୁପାଟଣା , କଟକ- ୭୫୩୦୧୦(ଓଡିଶା)
**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**
**ସରଫେଶୀ ଆକ୍ଟ ୨୦୦୨ ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**
ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୩) ଏବଂ ଧାରା ୧୩(୧୨)ର ରୁଲ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଲିଖିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।
ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଋଣଗ୍ରହୀତାମାନେ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଅଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି । ତେଣୁ ବିଶେଷତଃ ଋଣଗ୍ରହୀତା, ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ପାଇଁ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।
ଋଣଗ୍ରହୀତାମାନଙ୍କୁ ଅବଗତ କରାଇ ଦିଆଯାଉଛି ଯେ, ଧାରା ୧୩, ଉପଧାରା (୮)ରେ ଦିଆଯାଇଥିବା ସମୟ ମଧ୍ୟରେ ସୁରକ୍ଷିତ ସମ୍ପତ୍ତି ଉପରେ ଥିବା ପ୍ରାପ୍ୟ ଜମା କରି ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକ ମୁକ୍ତ କରନ୍ତୁ ।

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ୍ ନଂ. | ଜାମିନ୍‌ଦାର/ ସମ୍ପତ୍ତି ମାଲିକମାନଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତା: ମେସର୍ସ ଅନ୍ନପୂର୍ଣ୍ଣା ଜୁଏଲର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ପ୍ରମୋଦ କୁମାର ମହାରଣା, ପିତା: ଅନନ୍ତ ଚରଣ ମହାରଣା, ସା: କାଞ୍ଚନ ବଜାର, ମସଜିଦ୍ ଗଳି, ପୋ/ଜିଲ୍ଲା: ଢେଙ୍କାନାଳ-୭୫୯୦୦୧, ଓଡ଼ିଶା । ଆକାଉଣ୍ଟ ନଂ.: ୩୦୨୭୨୪୦୮୯୫୮ | ସମ୍ପତ୍ତି ମାଲିକ: ଶ୍ରୀ ଅନନ୍ତ ଚରଣ ମହାରଣା, ପିତା: ହରି ମହାରଣା । | ଶ୍ରୀ ଅନନ୍ତ ଚରଣ ମହାରଣାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶ ବିଶେଷ ଯାହାର ମୌଜା: ଢେଙ୍କାନାଳ ଟାଉନ୍, ଖାତା ନଂ.: ୧୧୨୦, ପ୍ଲଟ ନଂ.: ୫୨୩୩, ଅନୁରୂପ ସାବିକ୍ ଖାତା ନଂ.: ୨୧୮୧, କ୍ଷେତ୍ର: ଏକର ୦.୦୨୮ ଡିସିମିଲ, କିସମ: ଘରବାଡ଼ି, ପ୍ଲଟ ନଂ.: ୫୨୩୪, ଅନୁରୂପ ସାବିକ୍ ଖାତା ନଂ.: ୨୪୭୯, କ୍ଷେତ୍ର: ଏକର ୦.୦୦୫ ଡିସିମିଲ, କିସମ: ଘରବାଡ଼ି । | ୦୩.୦୭.୨୦୧୮ | ୨୦.୦୧.୨୦୨୦ | ୨୭.୦୬.୨୦୧୮ ସୁଦ୍ଧା ଟ.୨୦,୦୨,୭୪୪/- ଏବଂ ତା.୨୮.୦୬.୨୦୧୮ ଠାରୁ ତତ୍‌ପରବର୍ତ୍ତୀ ସୁଧ |

ସ୍ଥାନ: କଟକ, ତାରିଖ: ୨୨.୦୧.୨୦୨୦ ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ସଂକ୍ଷେପରେ

### ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ

ତିହିଡ଼ି,୨୨।୧(ଡି.ଏନ.ଏ.): ତିହିଡ଼ି ବ୍ଲକ ପାଳିଆବିନ୍ଧା ବିରଞ୍ଚିନାରାୟଣ ମାଧବ ଅର୍ଜୁନ କଲେଜରେ ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। କଲେଜ ଅଧକ୍ଷ ଡ. ଅଜିଜୁର ରହେମାନ ଏହାକୁ ଉଦ୍‌ଘାଟନ କରିବା ଅବସରରେ ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ଶିଖିବା ଜରୁରୀ ବୋଲି କହିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ସରୋଜ କୁମାର ମହାପାତ୍ରଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଉତ୍ସବରେ ସହସଂଯୋଜିକା ସ୍ୱପ୍ନା ରାୟ ସହାୟତା କରିଥିଲେ। ଏହି ଶିବିରର ପ୍ରଥମ ପର୍ଯ୍ୟାୟ ଆସନ୍ତା ଫେବୃୟାରୀ ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ପରେ ଫେବୃୟାରୀ ୫ରୁ ୧୯ ତାରିଖ ଯାଏ ଦ୍ୱିତୀୟ ପର୍ଯ୍ୟାୟ ଶିବିର ଅନୁଷ୍ଠିତ ହେବ। ପ୍ରତ୍ୟେକ ପର୍ଯ୍ୟାୟ ୧୨ ଦିନ ଲେଖାଏ ଚାଲିବ। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଶିକ୍ଷିକା ହିମାଶ୍ରି ସ୍ୱାଇଁ ଓ ଶାଶ୍ୱତୀ ନାୟକ ବିଭିନ୍ନ ଦିବସରେ ତାଲିମ ଦେବାର କାର୍ଯ୍ୟକ୍ରମ ରହିଛି।

### ଭାଜପାର ମିଶ୍ରଣ ପର୍ବ

ପଦ୍ମପୁର,୨୨।୧(ଡି.ଏନ୍.ଏ.): ବାସୁଦେବପୁର ବ୍ଲକ ଅଧୀନ ଗୋପବନ୍ଧୁ ନଗର ପଞ୍ଚାୟତରେ ଶତାଧିକ କର୍ମୀ ଅନ୍ୟ ଦଳରୁ ଆସି ଭାଜପାରେ ଯୋଗଦେଇଛନ୍ତି। ଆୟୋଜିତ ସଭାରେ ଚାନ୍ଦିମାଳ ମଣ୍ଡଳ ସଭାପତି ରମାକାନ୍ତ ସେଠୀ ସଭାପତିତ୍ୱ କରିଥିଲେ। ସଭାରେ ବରିଷ୍ଠ ଭାଜପା ନେତା ମାଧବାନନ୍ଦ ମଲ୍ଲିକ ଯୋଗ ଦେଇ ଦଳର ଆଭିମୁଖ୍ୟ ବିଷୟରେ ଆଲୋଚନା କରିଥିଲେ। ଗ୍ରାମର ସୁଜିତ କୁମାର ମଣ୍ଡଳ, ରବୀନ୍ଦ୍ର ମାଇତି, ଦେବେନ୍ଦ୍ର ଦାସ, କାଳୀପଦ ଦାସଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଦଳରେ ଯୋଗଦାନ କରିଥିଲେ। ବାସୁଦେବପୁର ଯୁବକର୍ମୀ ମଧୁସୂଦନ ପାଢ଼ୀ, ଅଶୋକ କୁମାର ସାହୁ, ଉଦୟ ନାରାୟଣ ମଲ୍ଲିକ, ମହେଶ୍ୱର ଧଳ, ଇକ୍‌ବାଲ ତାଜୁଖାନ୍, ଜୟପ୍ରକାଶ ମଲ୍ଲିକ, ଭାଗୀରଥି ଭୋଇ, ବିଶ୍ୱନାଥ ବାରିକ, ହେମନ୍ତ ପୁହାଣ ପ୍ରମୁଖ ଯୋଗ ଦେଇଥିଲେ।

### ଗ୍ରାମ୍ୟ ରାଜମିସ୍ତ୍ରିଙ୍କୁ ତାଲିମ

ପଦ୍ମପୁର,୨୨।୧(ଡି.ଏନ୍.ଏ.): ଭଦ୍ରକ ବ୍ଲକ ଗୋରାମାଟି ପଞ୍ଚାୟତ କାର୍ଯ୍ୟାଳୟଠାରେ ଗ୍ରାମ୍ୟ ରାଜମିସ୍ତ୍ରି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦାମୋଦର ଖୁଣ୍ଟିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲାପରିଷଦ ସଭ୍ୟା ସୁକାନ୍ତି ନାୟକ, ଗୋରାମାଟି ସରପଞ୍ଚ ଗଣେଶ ପ୍ରସାଦ ମଲ୍ଲିକ, ସମିତିସଭ୍ୟା ରଞ୍ଜିତା ମହାଲିକ, ସାବରଙ୍ଗ ସରପଞ୍ଚ ରଞ୍ଜିତା ମହାପାତ୍ର, ନାଏବ ସରପଞ୍ଚ ଉର୍ମିଳା ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୬୦ଜଣ ଗ୍ରାମ୍ୟ ରାଜମିସ୍ତ୍ରି ଭାଗ ନେଇଥିବା ବେଳେ ଏହି ତାଲିମ କାର୍ଯ୍ୟକ୍ରମ ୪୫ଦିନ ଧରି ଚାଲିବ। ତାଲିମ ସମୟରେ ପ୍ରଶିକ୍ଷାର୍ଥୀମାନଙ୍କୁ ସରକାରଙ୍କ ତରଫରୁ ୩୨୦ ଟଙ୍କା ମଜୁରି ସହ ଖାଦ୍ୟ ପାଇଁ ୧୦୦ଟଙ୍କା ପ୍ରତ୍ୟହ ମିଳିବ। କାର୍ଯ୍ୟକ୍ରମକୁ କେନ୍ଦ୍ର ଏବଂ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ବିଭାଗ ସହାୟତା ପ୍ରଦାନ କରୁଥିବାବେଳେ ଗ୍ରାମ ତରଙ୍ଗ ଅନୁଷ୍ଠାନ କାର୍ଯ୍ୟକାରୀ କରୁଥିବା ସୂଚନା ମିଳିଛି। ଅନୁଷ୍ଠାନର ଆଞ୍ଚଳିକ ପରିଚାଳକ ଧ୍ରୁବଚରଣ ସାହୁ ଓ ତାଲିମଦାତା ସରୋଜ ମଲ୍ଲିକ, ଶାନ୍ତନୁ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

# ମିଳିନି ବୁଲ୍‌ବୁଲ୍ କ୍ଷୟକ୍ଷତି ସହାୟତା

**■ସିଦ୍ଧାନ୍ତ ହୋଇନି ଚୂଡ଼ାନ୍ତ ତାଲିକା**
**■ବଢ଼ୁଛି ଚାଷୀ ଅସନ୍ତୋଷ**

ଭଦ୍ରକ ଅଫିସ, ୨୨।୧

ଭଦ୍ରକ ଜିଲାରେ ଖରିଫ୍ ଧାନ ଅମଳ ସରିବାକୁ ବସିଲାଣି। ହେଲେ ଏଯାଏ ବୁଲ୍‌ବୁଲ୍ ବାତ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କୁ ମିଳିଲାନି ଇନ୍‌ପୁଟ୍ ସବ୍‌ସିଡି। ଯାହାକୁ ନେଇ କ୍ଷତିଗ୍ରସ୍ତ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ପ୍ରତି ଅଭିଯୋଗ ଶୁଣାଣିରେ ଏହି କ୍ଷତିଗ୍ରସ୍ତ ଚାଷୀଙ୍କ ଲମ୍ବା ତାଲିକା ଦେଖିବାକୁ ମିଳୁଛି। ଏହାମଧ୍ୟରେ ଦୁଇମାସ ବିତିଯାଇଥିବାବେଳେ ଏଯାଏ ସହାୟତା ପ୍ରଦାନ କରା ନ ଯିବା ନେଇ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଉଲ୍ଲେଖନୀୟ ଯେ, ଗତବର୍ଷ ନଭେମ୍ବରରେ ପ୍ରଳୟଙ୍କରୀ ବୁଲ୍‌ବୁଲ୍ ପ୍ରଭାବରେ ଭଦ୍ରକ ଜିଲାରେ ବିଶେଷ କରି ଖରିଫ୍ ଧାନଚାଷ ପ୍ରଭାବିତ ହୋଇଥିଲା। ହଜାର ହଜାର ହେକ୍ଟର ଚାଷଜମିରେ ପାଣି ପଶି ପାଚିଲା ଧାନ ଫସଲକୁ ନଷ୍ଟଭ୍ରଷ୍ଟ କରିଥିଲା। ପ୍ରାୟ ଅମଳ ସମୟରେ ଏହି କ୍ଷତି ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଥିଲା। ଫୁଲ ଉଡ଼ାଉଥିବା ଧାନକୁ ଅଗାଡ଼ି କରିଦେଇଥିଲା ବାତ୍ୟା। ବୁଲ୍‌ବୁଲ୍ ପରେ ସରକାରୀ ଭାବେ କ୍ଷୟକ୍ଷତି ଆକଳନ ଆରମ୍ଭ ହୋଇଥିଲା। ଜିଲା କୃଷି ବିଭାଗ ପକ୍ଷରୁ ଜିଲାରେ ମୋଟ ୧ ଲକ୍ଷ ୬୩ ହଜାର ହେକ୍ଟର ଚାଷଜମି ମଧ୍ୟରୁ ୬୩ ହଜାର ୭୨୯ ହେକ୍ଟର ଜମି ବୁଲ୍‌ବୁଲ୍‌ରେ ପ୍ରଭାବିତ ହୋଇଥିବା ନେଇ ସରକାରଙ୍କୁ ରିପୋର୍ଟ କରାଯାଇଥିଲା। ଯାହାର ଆର୍ଥିକ କ୍ଷୟକ୍ଷତି ପରିମାଣ ୫୮କୋଟି ୯୮ ଲକ୍ଷ ବୋଲି ଦର୍ଶାଯାଇ ସରକାରଙ୍କୁ ଏହି ବାବଦକୁ ଇନ୍‌ପୁଟ୍ ସବ୍‌ସିଡି ଯୋଗାଇ ଦେବାକୁ ସୁପାରିସ କରାଯାଇଥିଲା। ଏହାମଧ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲାକୁ ଘର ଏବଂ କୋଠାବାଡ଼ି କ୍ଷୟକ୍ଷତି ବାବଦ କ୍ଷତିପୂରଣ ଅର୍ଥ ଯୋଗାଇ ଦିଆଯାଇଥିଲେ ମଧ୍ୟ ସର୍ବାଧିକ କ୍ଷତି ହୋଇଥିବା କୃଷି କ୍ଷେତ୍ର ଲାଗି ଏଯାଏ ଆର୍ଥିକ ସହାୟତା ଯୋଗାଇ ଦିଆଯାଇ ନାହିଁ। ଅନ୍ୟପକ୍ଷେ କ୍ଷୟକ୍ଷତି ନେଇ ରାଜସ୍ୱ ଓ କୃଷି ବିଭାଗର ମିଳିତ କ୍ରପ୍‌କଟିଂ ରିପୋର୍ଟ ପ୍ରଦାନ କରାଯିବ ବୋଲି ସୂଚନା ଆସିବା ପରେ ଏହା ସମସ୍ତଙ୍କୁ ଅଡୁଆ କରିଛି। ଫଳରେ ଜିଲା ପ୍ରଶାସନ ପକ୍ଷରୁ ଅଦ୍ୟାବଧି ଚୂଡ଼ାନ୍ତ ତାଲିକା ସିଦ୍ଧାନ୍ତ ହୋଇପାରି ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ରଙ୍କୁ ପଚାରିବାରୁ ଗୋଟିଏ ସପ୍ତାହ ମଧ୍ୟରେ ଚାଷୀଙ୍କ ବୁଲ୍‌ବୁଲ୍ କ୍ଷୟକ୍ଷତି ଭରଣା କରାଯିବ ଓ ଏଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକ୍ରିୟା ସରିଥିବା କହିଛନ୍ତି।

## ଶିକ୍ଷା ସହ ଉତ୍ତମ ସଂସ୍କାର ଜରୁରୀ



ପାନପଦୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

ବନ୍ତ,୨୨।୧(ସ୍ୱ.ପ୍ର./ଡି.ଏନ.ଏ.)

ଶିଶୁମାନଙ୍କୁ ଶିକ୍ଷାଦାନ ସହିତ ଉତ୍ତମ ସଂସ୍କାର ଦିଆଗଲେ ସେମାନେ ଭବିଷ୍ୟତରେ ଭଲମଣିଷ ହୋଇପାରିବେ। ଶିକ୍ଷା ସହିତ ଉତ୍ତମ ସଂସ୍କାର ଜରୁରୀ ବୋଲି ବୁଧବାର ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ଅଧୀନ ପାନପଦୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରଧାନ ଶିକ୍ଷକ ପଦ୍ମନାଭ ସେଠୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅମୂଲ୍ୟ କୁମାର ମିଶ୍ର ଓ ମୁଖ୍ୟବକ୍ତା ଶିକ୍ଷାବିତ୍ ରବିନାରାୟଣ ମହାପାତ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷା ସଂଯୋଜକ ରବିନାରାୟଣ ପରିଡ଼ା, ଅତିରିକ୍ତ ଶିକ୍ଷାଧିକାରୀ ନିଗମାନନ୍ଦ ମିଶ୍ର, ଆଗରପଡ଼ା ଦମକଳ କେନ୍ଦ୍ର ଅଧିକାରୀ ସଞ୍ଜୀବ ପ୍ରଧାନ, କୃପାସିନ୍ଧୁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ ଚନ୍ଦ୍ର ସାମଲ, ରାମଚନ୍ଦ୍ରପୁର କ୍ଲଷ୍ଟରର ସିଆର୍‌ସିସି ଜଗତ୍ ଜୀବନ ଜେନା, ଟିଁଲୋ କ୍ଲଷ୍ଟର ସଂଯୋଜକ ସୁକାନ୍ତ ବେହେରା, ମହତାବ ମଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମାକାନ୍ତ ଜେନା, ବ୍ଲକ ସମ୍ବଳ ଶିକ୍ଷୟିତ୍ରୀ ଟୁନାବାଳା ଦାସ, ପୋଡ଼ାପାଟଣା ନୋଡାଲ ସ୍କୁଲର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ନାୟକ, ରଘୁନାଥପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲବଙ୍ଗଲତା ସାହୁ, ଶିକ୍ଷାବିତ୍ ନକୁଳ ଚରଣ ବାରିକ, ଶିକ୍ଷକ ରଘୁନାଥ ରାଉତ, ଶିକ୍ଷାବିତ୍ ଉପେନ୍ଦ୍ର ବିଶ୍ୱାଳ ଓ ରଘୁନାଥ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ କୌଶଲ୍ୟା ସେଠୀ ବାର୍ଷିକ ବିବରଣୀ ପାଠ ଓ ଶିକ୍ଷକ ଅଶୋକ ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଇନ୍ଦୁମତି ବାରିକ ଧନ୍ୟବାଦ ଦେଇଥିଲେ। ଶେଷରେ ବାର୍ଷିକ କ୍ରୀଡ଼ାର କୃତୀ ପ୍ରତିଯୋଗୀ ଓ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ସ୍ୱାସ୍ଥ୍ୟସେବା ସୁଧାର କ୍ଷେତ୍ରରେ ଆଶାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭଦ୍ରକ ଅଫିସ, ୨୨।୧

ସ୍ୱାସ୍ଥ୍ୟ ହିଁ ସମ୍ପଦ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରାଜ୍ୟରେ ଅନେକ ସୁଧାର ଆସିଛି। ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ଏହି କ୍ଷେତ୍ରରେ ଅନେକ ପରିବର୍ତ୍ତନ ଘଟିଛି। ଶିଶୁ ମୃତ୍ୟୁହାର ଭଦ୍ରକ ଜିଲାରେ ନାହିଁ କହିଲେ ଚଳେ। ଏଭଳି ଅନେକ ସୁଧାର କ୍ଷେତ୍ରରେ ଆଶାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଓ ପ୍ରଶଂସନୀୟ ବୋଲି ବୁଧବାର ଟାଉନହଲ୍‌ରେ ଅନୁଷ୍ଠିତ ଜିଲାସ୍ତରୀୟ ଆଶା ଏବଂ ଗାଁ କଲ୍ୟାଣ ସମିତି ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ, ଅନ୍ୟତମ ଅତିଥି ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ସିଡିଏମ୍‌ଓ ଡ. ଜଗନ୍ନାଥ ପାଢ଼ୀ, ମୁଖ୍ୟବକ୍ତା ଜିଲା ସମାଜ ମଙ୍ଗଳ ଅଧିକାରୀ ଆଶାଲତା ମହାନ୍ତି, ବରେଣ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ (ପରିବାର ନିୟନ୍ତ୍ରଣ) ଶିବାଶିଷ ମହାରଣା ପ୍ରମୁଖ ଯୋଗଦେଇ ଆଶାମାନଙ୍କ ଭୂମିକା ଓ ଗାଁ କଲ୍ୟାଣ ସମିତିର କାର୍ଯ୍ୟକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଉତ୍କୃଷ୍ଟ ଗାଁ କଲ୍ୟାଣ ସମିତି ଓ ୩ଜଣ ଆଶାକର୍ମୀଙ୍କୁ ପୁରସ୍କୃତ କରାଯାଇଥିଲା। ବିପ୍ଳବ କୁମାର ପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ଅତିଥିଙ୍କଠାରୁ ଜଣେ ଆଶାକର୍ମୀ ପୁରସ୍କାର ଗ୍ରହଣ କରୁଛନ୍ତି।

## ଶିକ୍ଷାବିତ୍‌ଙ୍କ ପରଲୋକ

ଧାମନଗର,୨୨।୧(ଡି.ଏନ.ଏ.)

ଧାମନଗର ବ୍ଲକ ଗୋପବନ୍ଧୁନଗର ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ତଥା ଆଦର୍ଶ ଶିକ୍ଷକ ବିମଳାନନ୍ଦ ସାହୁ(୮୫)ଙ୍କ ବୁଧବାର ଅପରାହ୍ଣରେ ପରଲୋକ ଘଟିଛି। ତାଙ୍କ ଛାତ୍ର ଡା. ହରେକୃଷ୍ଣ ନାୟକ, ବରିଷ୍ଠ ଓକିଲ ନିରାକାର ଜେନା, ହସନାବାଦ ସମିତିସଭ୍ୟ ତଥା ରାଜ୍ୟପରିଷଦ ସଦସ୍ୟ ପ୍ରଦୀପ ମଲ୍ଲିକଙ୍କ ସହ ବହୁ ରାଜନେତା, ଶିକ୍ଷାବିତ୍ ଏବଂ ପୁରାତନ ଛାତ୍ରୀଛାତ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଶାଳ ଶୋଭାଯାତ୍ରା ଗ୍ରାମ ପରିକ୍ରମା ପରେ ନିଜ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

## ହରମୋହନ ମହାପାତ୍ର ସ୍ମାରକୀ ଟ୍ରଫି
# ସେମିରେ ଜେସିସି ଜାରକା

ଭଣ୍ଡାରିପୋଖରୀ, ୨୨।୧(ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକ ବର୍ୟାଁବନାପୁର ପଞ୍ଚାୟତ ଚନ୍ଦ୍ରଭାନୁପୁର ଖେଳପଡ଼ିଆରେ ଚାଲିଥିବା ତୃତୀୟ ବାର୍ଷିକ ହରମୋହନ ମହାପାତ୍ର ସ୍ମାରକୀ ଟ୍ରଫିର ଚତୁର୍ଥ କ୍ୱାର୍ଟର ମ୍ୟାଚ୍ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଣ୍ଡାରିପୋଖରୀ ଟିମ୍‌କୁ ହରାଇ ଜେସିସି ଜାରକା ବିଜୟୀ ହୋଇ ସେମିରେ ପ୍ରବେଶ କରିଛି। ଜେସିସି ଜାରକା ଟସ୍ ଜିତି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ୍ ହରାଇ ୨୨୭ ରନ୍ କରିଥିଲା। ଦଳର ଚନ୍ଦନ ରାଉଳ ୪୯ ବଲରେ ସର୍ବାଧିକ ୯୧ ରନ୍ କରି ନଟ୍‌ଆଉଟ୍ ଓ ଜିତେନ୍ଦ୍ର ଜେନା ୩୪ ବଲରେ ୬୦ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ରଶ୍ମିରଞ୍ଜନ ଚନ୍ଦ ୩ ଓଭରରେ ୨ ଉଇକେଟ୍ ନେଇଥିଲେ। ଜବାବରେ ଭଣ୍ଡାରିପୋଖରୀ ଟିମ୍ ୧୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୮୨ ରନ୍ କରିଥିଲା। ଦଳ ପକ୍ଷରୁ ଜନ୍ମେଜୟ ଦାସ ୭୧ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଜିତେନ୍ଦ୍ର ଜେନା ୪ ଓଭର ବୋଲିଂ କରି ୨୪ ରନ୍ ଦେଇ ୫ ଉଇକେଟ୍ ନେଇଥିଲେ। ଜେସିସି ଜାରକାର ଚନ୍ଦନ ରାଉଳ ଓ ଜିତେନ୍ଦ୍ର ଜେନାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ଭଣ୍ଡାରିପୋଖରୀ କଲେଜ ଅଧ୍ୟକ୍ଷ ଭରତ କରଣ ପୁରସ୍କୃତ କରିଥିଲେ। ଅମ୍ପାୟାର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ ଶରତ ପଣ୍ଡା ଓ ରାମଚନ୍ଦ୍ର ଦାସ। ସୌମ୍ୟରଞ୍ଜନ ପରିଡ଼ା ଓ ସୌମ୍ୟରଞ୍ଜନ ବେହେରା ସ୍କୋରର ଥିଲେ। ପ୍ରତ୍ୟୁଷ ସାହୁ, ଅଶୋକ ଦାସ ଓ ପ୍ରଦୀପ ଜେନା ଧାରା ବିବରଣୀ ପ୍ରଦାନ କରିଥିଲେ।



ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।



ଉତ୍ସବରେ ଯୋଗଦେଇଥିବା ଅତିଥି ଓ ସିନେ କଳାକାର।

## ବାଗୁରାଇରେ ଦୁଃଖନଗର

ଭଦ୍ରକ ଅଫିସ,୨୨।୧–ଭଦ୍ରକ ଜିଲା ଇଲେକ୍ଟ୍ରିସିଆନ ଆସୋସିଏଶନର ସ୍ୱାଗତ ସମ୍ବର୍ଦ୍ଧନା ସଭା ଓ ବାଗୁରାଇ ଗାଁର ଦୁଃଖନଗର ଉଦ୍‌ଘାଟନ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ମଞ୍ଜୁଲତା ମଣ୍ଡଳ ଏହାକୁ ଉଦ୍‌ଘାଟନ କରିଥିଲେ। ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଭଦ୍ରକକୁ ଏକ ଯୋଜନାବଦ୍ଧ ସହରରେ ପରିଣତ କରିବା ପାଇଁ ସମ୍ମିଳିତ ଉଦ୍ୟମର ଆବଶ୍ୟକତା ରହିଛି। ଉପଯୁକ୍ତ ରାସ୍ତା ସହିତ ଯୋଜନା ଅନୁଯାୟୀ ପ୍ଲଟିଂ ସହରର ପରିମଳ ଓ ଜଳ ନିଷ୍କାସନ ସମସ୍ୟା ଦୂର ହୋଇପାରିବ। ମୁଖ୍ୟବକ୍ତା ଭାବେ ଅତିଶ କୁମାର ବେହେରା ଯୋଗ ଦେଇଥିଲେ। ଇଲେକ୍ଟ୍ରିସିଆନ ସଂଘର ସଭାପତି ରଞ୍ଜନ ପଣ୍ଡା ପୌରୋହିତ୍ୟ କରିଥିଲେ। ଓଲିଉଡ ତାରକା ରୁଦ୍ର ଓ ଜିନା ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଶେଷରେ ଅତିଥିଙ୍କ ଦ୍ୱାରା ଦୁଃଖନଗରର ପ୍ରତିଷ୍ଠାତା ଦୁଃଖ ବେହେରାଙ୍କୁ ଇଲେକ୍ଟ୍ରିସିଆନ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# କ୍ଷେଣ୍ଟିରା ୟୁନିକ୍ ଷ୍ଟ୍ରାଇକ ଚାମ୍ପିୟନ

**ପୀତବାସ ମେମୋରିଆଲ କ୍ରିକେଟ**

ବନ୍ତ,୨୨।୧(ଡି.ଏନ.ଏ.)

ବନ୍ତ ବ୍ଲକ ପୁରୁଷୋତ୍ତମପୁରସ୍ଥିତ ନେତାଜୀ ଷ୍ଟାଡିୟମରେ ଗତ ୧୪ ତାରିଖଠାରୁ ଚାଲିଥିବା ୧୧ତମ ପୀତବାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ମୋଟ ୮ ଟିମ୍ ଭାଗ ନେଇଥିଲେ। କ୍ଷେଣ୍ଟିରା ୟୁନିକ୍ ଷ୍ଟ୍ରାଇକ ଓ ପଧାନପଡ଼ା ସଡନ୍ ଆଟାକ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ୟୁନିକ୍ ଷ୍ଟ୍ରାଇକ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ ହରାଇ ୯୮ରନ୍ କରିଥିଲା। ସଡନ୍ ଆଟାକ୍ ୭ ଓଭରରେ ସମସ୍ତ ଉଇକେଟ ହରାଇ ୪୦ ରନ୍ କରି ପରାଜିତ ହୋଇଥିଲା। ସଡନ୍ ଆଟାକକୁ ହରାଇ ୟୁନିକ୍ ଷ୍ଟ୍ରାଇକ ଟିମ୍ ଚାମ୍ପିୟନ ହୋଇଛି। କ୍ଷେଣ୍ଟିରା ଟିମ୍‌ର ରଶ୍ମି ସେନାପତିଙ୍କୁ ମ୍ୟାନ ଅଫ୍ ଦି ସିରିଜ୍ ଓ ଯଦୁମଣି ରାଉତଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଅମ୍ପାୟାର ଭାବେ ବ୍ରଜକିଶୋର ମହାନ୍ତି ଓ ସଂଗ୍ରାମ ଦାସ ଦାୟିତ୍ୱ ତୁଲାଇଥିଲେ। ଦିପୁ ସାହୁ, ଟୁପୁନ୍ ବିଶ୍ୱାଳ, ଅରୁଣ ବିଶ୍ୱାଳ, ସାର୍ଥକ ବିଶ୍ୱାଳ, ଲିପୁନ୍ ବିଶ୍ୱାଳ, ବାପୁନ ବିଶ୍ୱାଳ, ସଚିନ୍ ବିଶ୍ୱାଳ, ଶୁଭ ବିଶ୍ୱାଳ, ଜୀବନ ବିଶ୍ୱାଳ, ଶ୍ରବଣ ବିଶ୍ୱାଳ ପ୍ରମୁଖ ସ୍କୋରର, ଭାଷ୍ୟକାର ଓ ଅନ୍ୟାନ୍ୟ ଦାୟିତ୍ୱ ତୁଲାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବନ୍ତ ଅଞ୍ଚଳର ହୋମିଓପ୍ୟାଥିକ ଡାକ୍ତର ମୁରଲୀଧର ସୁତାର, ଲିଟିଲ୍ ସ୍କଇରାଲସ୍ ସ୍କୁଲର ଅଧ୍ୟକ୍ଷ ସମର ବିଶ୍ୱାଳ ଓ ଗଙ୍ଗାଧର ସାହୁ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।


ଅତିଥିମାନେ ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

## ଜନ ଅଭିଯୋଗ ଶୁଣାଣି

ବାସୁଦେବପୁର,୨୨।୧(ଡି.ଏନ.ଏ.)

ବାସୁଦେବପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ଚିନ୍ତାମଣି ସଭାଗୃହରେ ବ୍ଲକସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ପୌରପାଳିକାର ୨୩ ୱାର୍ଡ ଓ ବ୍ଲକର ୩୬ ପଞ୍ଚାୟତରୁ ୪୭ଟି ଅଭିଯୋଗ ପ୍ରଶାସନର ହସ୍ତଗତ ହୋଇଥିଲା। ଜିଲାପାଳ ଜ୍ଞାନରଞ୍ଜନ ଦାସ, ଏସ୍‌ପି ରାଜେଶ ପଣ୍ଡିତ, ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ବିଡିଓ ପ୍ରଣବ ବେହେରା, ଭାରପ୍ରାପ୍ତ ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଦିବ୍ୟାଙ୍ଗମାନଙ୍କର ଆବାସ ଗୃହ, ପାଇଖାନା, ରାଶନ କାର୍ଡ ସମେତ ବିଭିନ୍ନ ଦାବି ନେଇ ବାସୁଦେବପୁର ଦିବ୍ୟାଙ୍ଗ ମଞ୍ଚ ପକ୍ଷରୁ ସଭାପତି ଚନ୍ଦ୍ରକାନ୍ତ ନାୟକ ଓ ସମ୍ପାଦକ କୃପାସିନ୍ଧୁ ବେହେରା ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ...

## ଗଣିତ (MATHEMATICS)

**ପ୍ରମାଣ:** $\overline{OD}$, $\overline{BC}$ ର ସମଦ୍ୱିଖଣ୍ଡକ ଲମ୍ବ ।
$\Delta OBD$ ଓ $\Delta ODC$ ଦ୍ୱୟରେ,
$\overline{OD}$ ସାଧାରଣ, $OB = OC$ (ପରିବୃତ୍ତର ବ୍ୟାସାର୍ଦ୍ଧ)
$m\angle ODB = m\angle ODC = 90^0$
$\Rightarrow \Delta OBD \cong \Delta ODC \Rightarrow m\angle OBC = m\angle OCB$
ବର୍ତ୍ତମାନ $\Delta OBC$ ରେ,
$m\angle BOC + m\angle OBC + m\angle OCB = 180^0$
$\Rightarrow 2m\angle BAC + 2m\angle OBC = 180^0$
$(\because 2m\angle BAC = m\angle BOC)$
$\Rightarrow m\angle BAC + m\angle OBC = 90^0$ **(ପ୍ରମାଣିତ)**

**କିମ୍ବା, ଦତ୍ତ :** ABCD ଏକ ବୃତ୍ତର ପରିଲିଖିତ ସାମାନ୍ତରିକ ଚିତ୍ର । ସ୍ପର୍ଶବିନ୍ଦୁମାନ M,N,P ଓ Q ।




**ପ୍ରାମାଣ୍ୟ :** ABCD ଏକ ରମ୍ବସ ।
**ପ୍ରମାଣ :** AM = AN (ବହିଃସ୍ଥ ବିନ୍ଦୁରୁ ବୃତ୍ତପ୍ରତି ସ୍ପର୍ଶକଖଣ୍ଡଦ୍ୱୟ ସମାନ)
ସେହିପରି BM = BQ, CP = CQ, DP = DN
$\therefore$ AM = AN
BM = BQ
CP = CQ
DP = DN
ଯୋଗକଲେ
AM+BM+CP+DP = AN + DN + BQ + CQ
$\Rightarrow AB + CD = AD + BC$
$\Rightarrow 2AB = 2AD$ ($\because AB = CD$ ଓ $AD = BC$)
$\Rightarrow AB = AD$
$\therefore$ ABCD ଏକ ରମ୍ବସ ।
($\because$ ଯେଉଁ ସାମାନ୍ତରିକ ଚିତ୍ରର ସନ୍ନିହିତ ବାହୁମାନଙ୍କର ଦୈର୍ଘ୍ୟ ସମାନ, ତାହା ଏକ ରମ୍ବସ୍ ।)

**(ii)** $17° + 28° = 45°$
$\Rightarrow \tan(17° + 28°) = \tan 45°$
$\Rightarrow \dfrac{\tan 17° + \tan 28°}{1 - \tan 17° . \tan 28°} = 1$
$\Rightarrow \tan 17° + \tan 28° + \tan 17° . \tan 28° = 1$
$\Rightarrow 1 + \tan 17° + \tan 28° + \tan 17 . \tan 28° = 2$
$\Rightarrow (1 + \tan 17°)(1 + \tan 28°) = 2$

**କିମ୍ବା,** AB = ସ୍ତମ୍ଭର ଉଚ୍ଚତା ସୂର୍ଯ୍ୟର କୌଣିକ ଉନ୍ନତିର ପରିମାଣ $60^0$ ବେଳେ $\overline{AB}$ ସ୍ତମ୍ଭର ଛାଇର ଦୈର୍ଘ୍ୟ CB ଏବଂ କୌଣିକ ଉନ୍ନତିର ପରିମାଣ $45^0$ ବେଳେ $\overline{AB}$ ସ୍ତମ୍ଭର ଛାଇର ଦୈର୍ଘ୍ୟ BD




ପ୍ରଶ୍ନାନୁସାରେ BD – BC = 24 ମିଟର
$m\angle ACB = 60^0$ ଏବଂ $m\angle ADB = 45^0$
ମନେକର AB = x ମିଟର
$\therefore \Delta ACB$ ରେ $\tan 60^0 = \dfrac{AB}{CB} \Rightarrow \sqrt{3} = \dfrac{x}{BC}$
$\Rightarrow x = BC\sqrt{3}$
$\Delta ADB$ ରେ $\tan 45^0 = \dfrac{AB}{DB} \Rightarrow 1 = \dfrac{x}{BD}$
$\Rightarrow BD = BC\sqrt{3} \Rightarrow DC + BC = BC . \sqrt{3}$
$\Rightarrow 24 = BC . \sqrt{3} - BC$
$\Rightarrow BC(\sqrt{3} - 1) = 24$
$\Rightarrow BC = \dfrac{24}{\sqrt{3} - 1}$
$\Rightarrow BC = \dfrac{24(\sqrt{3}+1)}{(\sqrt{3}-1)(\sqrt{3}+1)} = \dfrac{24(\sqrt{3}+1)}{(\sqrt{3})^2 - (1)^2} = \dfrac{24(\sqrt{3}+1)}{3-1}$
$= \dfrac{24(\sqrt{3}+1)}{2} = 12(\sqrt{3}+1)$
$\therefore x = BC\sqrt{3} = 12(\sqrt{3}+1) \times \sqrt{3}$
$= 12(3+\sqrt{3})$
$= 12(3+1.732) = 12 \times 4.732$
$= 56.784 = 56.78$ ମି.
$\therefore$ ସ୍ତମ୍ଭର ଉଚ୍ଚତା 56.78 ମି.

**15.(i)** ଅର୍ଦ୍ଧବୃତ୍ତାକାର ଜମିର ବ୍ୟାସାର୍ଦ୍ଧ r ମିଟର ନେଇ ପରିସୀମା = $(\pi r + 2r)$ ମିଟର ।
ଅର୍ଦ୍ଧବୃତ୍ତାକାର ଜମିର ପରିସୀମା = $\dfrac{216.00}{0.75}$
= 288 ମିଟର
$\pi r + 2r = 288$
$\Rightarrow r\left(\dfrac{22}{7} + 2\right) = 288 \Rightarrow r \times \dfrac{36}{7} = 288$
$\Rightarrow r = 56$ ମିଟର ।
ଅର୍ଦ୍ଧବୃତ୍ତାକାର କ୍ଷେତ୍ରର କ୍ଷେତ୍ରଫଳ
$= \frac{1}{2}\pi r^2 = 4928$ ବ.ମି. ।

**କିମ୍ବା,** ମନେକର ବୃତ୍ତର ବ୍ୟାସାର୍ଦ୍ଧ r ସେ.ମି. ଓ ବୃତ୍ତକଳାର ଚାପର ଦୈର୍ଘ୍ୟ L ସେ.ମି. ।
$\therefore \pi r^2 = 9856 \Rightarrow r^2 = 9856 \times \dfrac{7}{22}$
$\Rightarrow r = \sqrt{448 \times 7} = 56$ ସେ.ମି.
ବୃତ୍ତକଳାର କ୍ଷେତ୍ରଫଳ =1400 ବ.ସେ.ମି.
$\Rightarrow \dfrac{1}{2}Lr = 1400 \Rightarrow L = \dfrac{2 \times 1400}{56} = 50$ ସେ.ମି.
$\therefore$ ବୃତ୍ତକଳାର ଚାପର ଦୈର୍ଘ୍ୟ 50 ସେ.ମି. ।

**(ii)** ଲୁହାନଳର ଦୈର୍ଘ୍ୟ ଅର୍ଥାତ୍ ଫମ୍ପା ସିଲିଣ୍ଡରର ଉଚ୍ଚତା (h) = 84 ସେ.ମି., ଲୁହାନଳର ଅନ୍ତଃବ୍ୟାସାର୍ଦ୍ଧ ଓ ବହିଃବ୍ୟାସାର୍ଦ୍ଧ ଯଥାକ୍ରମେ r ସେ.ମି. ଓ R ସେ.ମି. ହେଲେ,
ଲୁହାନଳର ବେଧ (t) = R – r = 2 ସେ.ମି. $\Rightarrow 8 - r = 2 \Rightarrow r = 6$ ସେ.ମି. [$\because$ R = 8 ସେ.ମି.(ଦତ୍ତ)]
ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ = $2\pi(R + r)(h + t)$
$= 2 \times \dfrac{22}{7} \times (8+6)(84+2)$ ବ.ମି.
$= 2 \times \dfrac{22}{7} \times 14 \times 86 = 7568$ ବ.ସେ.ମି.
$\therefore$ ଲୁହାନଳର ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ 7568 ବ.ସେ.ମି.

**କିମ୍ବା,** ମନେକର ଫମ୍ପା ଗୋଲକର ବହିଃବ୍ୟାସାର୍ଦ୍ଧ ଏବଂ ଅନ୍ତଃବ୍ୟାସାର୍ଦ୍ଧ ଯଥାକ୍ରମେ R ସେ.ମି. ଓ r ସେ.ମି.
ପ୍ରଶ୍ନାନୁସାରେ, R = 6 ସେ.ମି. ଏବଂ r = 3 ସେ.ମି.
ଫମ୍ପା ଧାତବ ଗୋଲକର ଆୟତନ $= \dfrac{4}{3}\pi(R^3 - r^3)$
$= \dfrac{4}{3} \times \dfrac{22}{7}(6^3 - 3^3)$
$= \dfrac{4}{3} \times \dfrac{22}{7}(216 - 27) = \dfrac{4}{3} \times \dfrac{22}{7} \times 189$
$= 4 \times 22 \times 9 = 792$ ଘ.ସେ.ମି.
ପ୍ରତି ଘନ ସେ.ମି. ଧାତୁର ବସ୍ତୁତ୍ୱ $792 \times 8 = 6336$ ଗ୍ରାମ୍ ବା 6.336 କି.ଗ୍ରାମ୍ ।

❑●❑

## ସଂକ୍ଷେପରେ

### ୨ ମଦ ବେପାରୀ ଗିରଫ

ରାଇରଙ୍ଗପୁର,୨୨।୧(ଡି.ଏନ୍.ଏ.): ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ରାଇରଙ୍ଗପୁର ପୋଲିସ ସର୍କଲ ଅଧୀନ ବିଭିନ୍ନ ଥାନା ଅଞ୍ଚଳରେ ଅଚାନକ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ବେଳେ ୨ ମଦ ବେପାରୀଙ୍କୁ ଗିରଫ କରିବା ସହ ୧୪ ଲିଟର ଦେଶୀ ମଦ ଜବତ କରାଯାଇଥିଲା। ଗିରଫ ୨ ମଦ ବେପାରୀ ଗୋରୁମହିଷାଣୀ ଥାନା ଅନ୍ତର୍ଗତ ଛତ୍ରମଣ୍ଡଳ ଗ୍ରାମର ଛିତା ସୋରେନ ଏବଂ ସୁଗୀ ମୁର୍ମୁ ବୋଲି ଜଣାପଡ଼ିଛି। ଏହା ବ୍ୟତୀତ ଛତ୍ରମଣ୍ଡଳ ଗ୍ରାମ ନିକଟସ୍ଥ ନାଳ ପାର୍ଶ୍ୱ ନିର୍ଜନ ସ୍ଥାନରେ ଏକ ବେଆଇନ ରନ୍ଧା ଦେଶୀ ମଦ ଭାଟି ଉପରେ ଚଢ଼ାଉ କରାଯାଇ ୪୦ ଲିଟର ରନ୍ଧା ଦେଶୀ ମଦ ଜବତ କରାଯାଇଛି। ଏନେଇ ଅବକାରୀ କର୍ତ୍ତୃପକ୍ଷ ୩ଟି ପୃଥକ ପୃଥକ ମାମଲା ରୁଜୁ କରି ୨ ଜଣଙ୍କୁ କୋର୍ଟ ଚାଲାଣ କରିଛି। ଏହି ଚଢ଼ାଉରେ ରାଇରଙ୍ଗପୁର ଅବକାରୀ ସର୍କଲ ଇନ୍ସପେକ୍ଟର ସୁବଳ କୁମାର ମହାନ୍ତିଙ୍କ ନେତୃତ୍ୱରେ ସବ୍‌ଇନ୍ସପେକ୍ଟର ହରିହର ସିଂହ ଏବଂ ଏଏସ୍‌ଆଇ ସିଦ୍ଧେଶ୍ୱର ନାୟକଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ସାମିଲ ଥିଲେ।

### ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

ବହଳଦା,୨୨।୧(ଡ଼ି.ଏନ୍.ଏ.)- ବହଳଦା ବ୍ଲକ ଅଧୀନ ଝରାଡିହି ସରକାରୀ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରଙ୍କ ପକ୍ଷରୁ ବିଦ୍ୟାଳୟ ପରିସରରେ ଏକ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋବର୍ଦ୍ଧନ ମଣ୍ଡଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ମଣ୍ଡଳ,ପୂର୍ବତନ ଶିକ୍ଷକ ବଳରାମ ସିଂହଦେଓ, କ୍ଷୀରୋଦ ଚନ୍ଦ୍ର ମହାନ୍ତ,ଅନୀଲ କୁମାର ପଣ୍ଡା, ନିମାଇଁଚରଣ ମଣ୍ଡଳ, ପୂର୍ବତନ କର୍ମଚାରୀ ପରେଶ ମିଶ୍ର, ସୁବାସ ମଣ୍ଡଳ, ମହେଶ୍ୱର ବେହେରା, ପୁରାତନ ଛାତ୍ର ସଂସଦର ସଭାପତି ତଥା ରେଳବାଇର ବରିଷ୍ଠ ଅଧିକାରୀ ରୁଦ୍ର ପ୍ରସନ୍ନ ମହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ରାମଶଙ୍କର ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ପୁରାତନ ଛାତ୍ର ପ୍ରମୋଦ କୁମାର ଦାଶ, ଭଗବାନ ବାସ୍କେ, ପପୁ ସିଂହ, ଉପେନ୍ଦ୍ର ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୧୯୮୨ ମସିହାରେ ମାଟ୍ରିକ ପରୀକ୍ଷା ଦେଇଥିବା ଛାତ୍ରମାନେ ଏଥିରେ ଯୋଗ ଦେଇଥିଲେ । ପ୍ରକାଶ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

### ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଠାକୁରମୁଣ୍ଡା,୨୨।୧(ଡ଼ି.ଏନ୍.ଏ.)- ଠାକୁରମୁଣ୍ଡା ନିକଟ ଦିଗଧରଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ବିଶ୍ୱରଞ୍ଜନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବରେ କରଞ୍ଜିଆ ବିଧାୟିକା ବାସନ୍ତୀ ହେମ୍ବ୍ରମ, ମୁଖ୍ୟବକ୍ତା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ମନୋରଞ୍ଜନ ବାରିକ, ସମ୍ମାନନୀୟ ଅତିଥି ଭାବେ ସ୍ୱାଧୀନତା ସାହାଣୀ, ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ବେହେରା ଓ ବିଡ଼ିଓ ବିଜୟ କୁମାର ନାୟକ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ରୁଦ୍ରନାରାୟଣ ବାହାଲିଆ ଧନ୍ୟବାଦ ଆର୍ପଣ କରିଥିଲେ।

# ଶିମିଳିପାଳରୁ ଉଚ୍ଛେଦକୁ ବିରୋଧ

ଯଶିପୁର,୨୨।୧(ଡ଼ି.ଏନ୍.ଏ.)

ଶିମିଳିପାଳ ମଧ୍ୟରେ ଥିବା ଗୁଡଗୁଡିଆ ପଞ୍ଚାୟତ ଅଧୀନ ଖେଜୁରୀ ଗ୍ରାମର ବାସିନ୍ଦାଙ୍କୁ ଉଚ୍ଛେଦ ଉଦ୍ୟମକୁ ବିରୋଧକରି ବୁଧବାର ଯଶିପୁର ବ୍ଲକ କାର୍ଯ୍ୟାଳୟ ଆଗରେ ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଶତାଧିକ ଗ୍ରାମବାସୀ

**ଗ୍ରାମବାସୀଙ୍କ ବିକ୍ଷୋଭ**

ରରୁଆଁ ଛକଠାରୁ ଏକ ଶୋଭାଯାତ୍ରାରେ ଯାଇ ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏସୟୁସିଆଇର ଜିଲା ସମ୍ପାଦକ ସଦ ବଦ୍ରାଙ୍କ ସଭାପତିତ୍ୱରେ ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟକ ଶମ୍ଭୁନାଥ ନାଏକ ଯୋଗ ଦେଇ ଯେଉଁମାନେ ଭିଟାମାଟି ଛାଡ଼ିବା ପାଇଁ ରାଜି ହେବେ ନାହିଁ ସେମାନଙ୍କୁ କେହି ଜୋର ଜବରଦସ୍ତ ଉଚ୍ଛେଦ କରିପାରିବେ ନାହିଁ ବୋଲି କହିଥିଲେ। ଏଥିସହିତ ଖେଜୁରୀ ଗ୍ରାମବାସୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ



ଏସୟୁସିଆଇର କର୍ମକର୍ତ୍ତା ଓ ଗ୍ରାମବାସୀ ଶୋଭାଯାତ୍ରାରେ ଯାଉଛନ୍ତି।

ଯୋଜନାରେ ଘର ପ୍ରଦାନ, କେନାଲ ମରାମତି କରି ଚାଷ ଜମିକୁ ଜଳ ଯୋଗାଇ ଦେବା, ରାସ୍ତାଘାଟ ମରାମତି କରିବା, ଶୌଚାଳୟ ଓ ସ୍କୁଲ ଗୃହ ନିର୍ମାଣ କରିବା ଆଦି ବିଭିନ୍ନ ଦାବି ସମ୍ବଳିତ ଏକ ଦାବିପତ୍ର ସ୍ଥାନୀୟ ବିଡିଓଙ୍କୁ ପ୍ରଦାନ କରାଯାଇଥିଲା । ଭିଟାମାଟିକୁ ବଞ୍ଚାଇବା ପାଇଁ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଗ୍ରାମବାସୀମାନେ ଚେତାବନୀ ଦେଇଛନ୍ତି।

# ମତଦାତା ଦିବସ ଉପଲକ୍ଷେ ଜିଲାସ୍ତରୀୟ ପ୍ରତିଯୋଗିତା

ବାରିପଦା ଅଫିସ,୨୨।୧

ଜାତୀୟ ମତଦାତା ଦିବସ ଉପଲକ୍ଷେ ଜିଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କୁଇଜ୍‌ରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରାଣୀଭୋଳର ବିଶ୍ୱବିଷ୍ଣୁ ବେହେରା ପ୍ରଥମ, ରାଇରଙ୍ଗପୁର କେରଳା ପବ୍ଲିକ ସ୍କୁଲର କୁମାର ଶୁଭମ ବାରିକ ଦ୍ୱିତୀୟ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରାଣୀଭୋଳର ସତ୍ୟନାରାୟଣ ବେହେରା ତୃତୀୟ ହୋଇଛନ୍ତି। ପ୍ରବନ୍ଧ ପ୍ରତିଯୋଗିତାରେ କେରଳା ପବ୍ଲିକ ସ୍କୁଲ ରାଇରଙ୍ଗପୁରର ବୈଷ୍ଣବୀ କୁମାରୀ ପ୍ରଥମ, ରାଣୀଭୋଳ ଆଦର୍ଶ ବିଦ୍ୟାଳୟର ଶିଳ୍ପିକା ବେହେରା ଦ୍ୱିତୀୟ ଓ ରାସଗୋବିନ୍ଦପୁର ବ୍ଲକ ମାଣିଦା ସରକାରୀ ବାଳିକା ବିଦ୍ୟାଳୟର ବିଦ୍ୟାବତୀ ହେମ୍ବ୍ରମ ତୃତୀୟ ହୋଇଛନ୍ତି। ସେହିପରି ବକ୍ତୃତା ପ୍ରତିଯୋଗିତାର ଜୁନିୟର ବିଭାଗରେ ରାଇରଙ୍ଗପୁର କେରଳା ପବ୍ଲିକ ସ୍କୁଲର ବୈଷ୍ଣବୀ କୁମାରୀ ପ୍ରଥମ, ରାଣୀଭୋଳ ଆଦର୍ଶ ବିଦ୍ୟାଳୟର ଆୟୁଷା ସାହୁ ଦ୍ୱିତୀୟ ଓ କେରଳା ପବ୍ଲିକ ସ୍କୁଲ ରାଇରଙ୍ଗପୁରର ପ୍ରଗତି ପ୍ରଜ୍ଞା ତୃତୀୟ ହୋଇଛନ୍ତି। ବକ୍ତୃତା ସିନିୟର ବିଭାଗରେ ଏମପିସି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅପର୍ଣ୍ଣା ସିଂ ପ୍ରଥମ, ସରକାରୀ ମହିଳା ମହାବିଦ୍ୟାଳୟର ସୁକନ୍ୟା ଦେଓ ଦ୍ୱିତୀୟ ଓ ରାଣୀଭୋଳ ଆଦର୍ଶ ବିଦ୍ୟାଳୟର ଦେବସ୍ମିତା ବେରୋ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ସମରଜିତ କର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଦିବାସୀ ଶିକ୍ଷା ସଂଯୋଜକ ସପନ କୁମାର ପୃଷ୍ଟି, ମିଲନ ମହାନ୍ତି, ପ୍ରଧାନ ଶିକ୍ଷକ ଡ.ପ୍ରଜ୍ଞା ପାରମିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଅମିତାଭ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

# ପଞ୍ଚାୟତ ସମିତି ବୈଠକ


ବୈଠକରେ ଉପସ୍ଥିତ ଅଧିକାରୀ ଓ ଜନ ପ୍ରତିନିଧି।

ଚିତ୍ରଡ଼ା,୨୨।୧(ଡ଼ି.ଏନ୍.ଏ.)–

ମୋରଡ଼ା ପଞ୍ଚାୟତ ସମିତି ବୈଠକ ବ୍ଲକ ପରିସରରେ ଥିବା ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସଭା ଗୃହରେ ବୁଧବାର ଅନୁଷ୍ଠିତ ହୋଇ ଯାଇଛି। ପଞ୍ଚାୟତ ସମିତି ଅଧକ୍ଷା ଶାଳତୀ ମୁର୍ମୁ ଏଥିରେ ଅଧକ୍ଷତା କରିଥିଲେ। ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟବ୍ରତ ପାଢ଼ୀ, ସହକାରୀ ଯନ୍ତ୍ରୀ ଅରବିନ୍ଦ ଆରୁଖ, ଜିପିଓ ସୁଶାନ୍ତ କୁମାର ରାଉଳ, ଜିଲା ପରିଷଦ ସଭ୍ୟା ମଞ୍ଜୁଲତା ମହାନ୍ତ,ଶିରିଷ ଚନ୍ଦ୍ର ମହାନ୍ତ, ଉପାଧକ୍ଷ ସଚ୍ଚିଦାନନ୍ଦ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଜିପିଓ ରାଉଳ ପୂର୍ବ ବୈଠକର ବିବରଣୀ ସମ୍ବନ୍ଧରେ ଆଲୋଚନା କରିଥିଲେ। ମୋରଡ଼ା ବ୍ଲକ ଅଞ୍ଚଳବାସୀ ସମ୍ମୁଖୀନ ହେଉଥିବା ବିଭିନ୍ନ ଅସୁବିଧା ସମ୍ପର୍କରେ ସମସ୍ତ ସରପଞ୍ଚ ଏବଂ ସମିତିସଭ୍ୟ ବୈଠକରେ ପ୍ରଶ୍ନ ଉଠାଇଥିଲେ। ଡାକ୍ତର ଅଭାବରୁ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇ ପଡ଼ିବା, ଉଦ୍ୟାନ କୃଷି, କୃଷି, ବିଦ୍ୟୁତ, ଗ୍ରାମ୍ୟ ପରିମଳ ଏବଂ ଅନ୍ୟାନ୍ୟ ବିଭାଗରେ ଥିବା ସମସ୍ତ ସମସ୍ୟାର ଯଥାଶୀଘ୍ର ସମାଧାନ ପାଇଁ ଦାବି କରିଥିଲେ।

### ‘ଗୁରୁଜନଙ୍କ ପରାମର୍ଶ ଗ୍ରହଣ କର’

କୁଆମରା,୨୨।୧(ଡ଼ି.ଏନ୍.ଏ.)– ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ କୁଆମରା ସାରସ୍ୱତ ଡିଗ୍ରୀ ମହାବିଦ୍ୟାଳୟର ୨୯ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଫକୀର ମୋହନ କଲେଜର ରାଜନୀତି ବିଜ୍ଞାନ ବିଭାଗର ବରିଷ୍ଠ ଅଧ୍ୟାପକ ପ୍ରଫେସର ଡ. ଅନିଲ କୁମାର ମହାପାତ୍ର, ସାରସ୍ୱତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଶାନ୍ତନୁ କୁମାର ଦାସ ଅତିଥି ଭାବେ ଯୋଗଦେଇ ଗୁରୁଜନଙ୍କ ପ୍ରେରଣା ଓ ପରାମର୍ଶକୁ ଜ୍ଞାନ ଭାବେ ଗ୍ରହଣ କରି ଆଗକୁ ବଢିଲେ ସଫଳତା ନିଶ୍ଚିତ ବୋଲି ମତବ୍ୟକ୍ତ କରିଥିଲେ। ଅତିଥିମାନଙ୍କ ଦ୍ୱାରା ଭଞ୍ଜଦୀପିକା ନାମକ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଅଧ୍ୟାପିକା ମିତରାଣୀ ଦ୍ୱିବେଦୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧକ୍ଷ ସୁବଳ ଦାସ କଲେଜର ବିଭିନ୍ନ ସମସ୍ୟା ଉପସ୍ଥାପନ କରିବା ସହ ଉତ୍ସବରେ ଅଧକ୍ଷତା କରିଥିଲେ। ଇଂଲିଶ ଅଧ୍ୟାପକ ଅଶ୍ୱିନୀ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପକ ପ୍ରଭାତ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ାର ଚଳିତ ବର୍ଷର ବାଳକ ଓ ବାଳିକା ବିଭାଗର ଦୁଇ ଚାମ୍ପିୟନ ରାଧିକା ମୁର୍ମୁ ଓ ସୁନିଲ କୁମାର ପାତ୍ରଙ୍କ ସମେତ ମୋଟ ୧୨୦ ଜଣ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହା ବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ‘ସଂସ୍କାର, ଉତ୍ତମ ଚରିତ୍ର ମାଧ୍ୟମରେ ସୁସ୍ଥ ସମାଜ ଗଠନ ହୁଏ’

ବଡ଼ସାହି,୨୨।୧(ସ୍ୱ.ପ୍ର)

ସୁସ୍ଥ ଓ ସୁନ୍ଦର ସମାଜ ଗଠନ ପାଇଁ ଶିକ୍ଷା ସହ ସତ୍ୟ, ନିଷ୍ଠା, ଗୁରୁଜନଙ୍କୁ ଭକ୍ତି ଏବଂ ସଂସ୍କାର ନିତ୍ୟାନ୍ତ ଆବଶ୍ୟକ ବୋଲି ବୁଧବାର ସିଂହଟିଆ ରାଧାକୃଷ୍ଣ ହାଇସ୍କୁଲର ୫୬ତମ ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ପ୍ରଧାନ ଶିକ୍ଷକ ମଧୁସୂଦନ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ବଂଶୀଧର ଭୂୟାଁ, ସମ୍ମାନନୀୟ ଅତିଥି ଭାବେ ପ୍ରାକ୍ତନ ବ୍ଲକ ଅଧକ୍ଷ ମନୋରଞ୍ଜନ ବଳା ଓ ପରିଚାଳନା ସମିତିର ସମ୍ପାଦକ ସୁବୋଧ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷକ ନିଗମାନନ୍ଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ ସହ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଥିଲା।



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

# ୩୨ ଛାତ୍ରୀଛାତ୍ରଙ୍କୁ ଆର୍ଥିକ ପ୍ରୋତ୍ସାହନ


 କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅତିଥିବୃନ୍ଦ।

ବାରିପଦା ଅଫିସ,୨୨।୧

ମୟୂରଭଞ୍ଜ ଜିଲାପାଳଙ୍କ ଫେସିଲେସନ ସେଣ୍ଟରରେ ଆମ ମୟୂରଭଞ୍ଜ ଟେଲିଭିଜନ ନେଟୱାର୍କ ପକ୍ଷରୁ ଆର୍ଥିକ ସ୍ୱଚ୍ଛଳ ନ ଥିବା ଛାତ୍ରୀଛାତ୍ରମାନଙ୍କୁ ମେଧା ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାପାଳ ବିନୀତ ଭରଦ୍ୱାଜ ମୁଖ୍ୟଅତିଥି ଏବଂ ସମ୍ମାନନୀୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଳ, ସହାୟକ ଜିଲାପାଳ ସୁଜୟ କୁମାର ପତି ଓ ବରିଷ୍ଠ ଓକିଲ ବିଭୁ ପ୍ରସାଦ ଦାସ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆୟୋଜକ ସୁବ୍ରତ କୁମାର ସାହୁ(ଦାଜି)ଙ୍କ ଦ୍ୱାରା ଦୀର୍ଘ ୧୧ ବର୍ଷ ଧରି ସମାଜରେ ଥିବା ଅନଗ୍ରସର, ଆର୍ଥିକ ସ୍ୱଚ୍ଛଳ ନ ଥିବା ଛାତ୍ରୀଛାତ୍ରମାନଙ୍କୁ ମେଧା ବୃତ୍ତି ପ୍ରୋତ୍ସାହନ ଯୋଗାଇ ଦିଆଯାଉ ଥିବାରୁ ଅତିଥିମାନେ ତାଙ୍କୁ ଧନ୍ୟବାଦ ଦେଇଥିଲେ। ଏହା ସହିତ ଛାତ୍ରୀଛାତ୍ରମାନଙ୍କୁ କଠିନ ପରିଶ୍ରମ କରି ନିଷ୍ଠାର ସହ ଉତ୍ତମ ଶିକ୍ଷା ଗ୍ରହଣ କରିବା ପାଇଁ ପ୍ରୟାସ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ମୋଟ ୩୨ ଜଣ ଛାତ୍ରୀଛାତ୍ରଙ୍କୁ ଏକ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଅଧ୍ୟାପକ ସମରେନ୍ଦ୍ର ବସା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅକ୍ଷୟ କୁମାର ଅଗ୍ରୱାଲା ସଭା ପରିଚାଳନା କରିଥିଲେ। ବାଦଲ ମହାନ୍ତି, ଅମର ସେଠୀ, ଅନିରୁଦ୍ଧ ପାତ୍ର, ଦିଲୀପ ଅଗ୍ରୱାଲା, ସତ୍ୟଜିତ ବେହେରା, କ୍ଷେତ୍ରମୋହନ ଓ ଆଶିଷ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ୨ଟି ସ୍ଥାନରେ ଧକ୍କାଦେଲା କାର୍:୨ ଗୁରୁତର

ଚିତ୍ରଡା,୨୨।୧(ଡ଼ି.ଏନ୍.ଏ.)

ମୟୂରଭଞ୍ଜ ଜିଲା ସଦର ଥାନା ଅଧୀନ ବାରିପଦା-ଅମର୍ଦ୍ଦା ୬୧ନଂ. ରାଜ୍ୟ ରାଜପଥରେ ବୁଧବାର ଗୋଟିଏ ମାରୁତି କାର ଦୁଇଟି ସ୍ଥାନରେ ଦୁର୍ଘଟଣା ଘଟାଇବାରୁ ୨ ଜଣ ଗୁରୁତର ଆହତ ହୋଇଛନ୍ତି। କାର୍‌ଟି ବାରିପଦାରୁ ବାଲିଆପାଳ ଯାଉଥିବା ବେଳେ ପ୍ରଥମେ ଶଙ୍ଖାଭଙ୍ଗାର ଜଣେ ମହିଳାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ବାଇକ ଯୋଗେ ଦୁର୍ଘଟଣା ଘଟାଇଥିବା କାରଟିର ପିଛା କରିଥିଲେ। କାର୍ ଡ୍ରାଇଭର ଭୟରେ ଭାରସାମ୍ୟ ହରାଇ ନିଚୁଆପଦା ଛକରେ ଜଣେ ବାଇକ୍ ଆରୋହୀଙ୍କୁ ଧକ୍କା ଦେଇଥିଲେ। ଉଭୟ ଆହତଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପରେ ଲୋକେ କାର୍ ଡ୍ରାଇଭରଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଦୁର୍ଘଟଣା ପ୍ରତିବାଦରେ ଲୋକେ ଅଧଘଣ୍ଟା କାଳ ରାସ୍ତାରୋକ କରିଥିଲେ।

### ‘ଶୃଙ୍ଖଳିତ ଛାତ୍ର ଗଢ଼ିବା ଶିକ୍ଷକ, ଅଭିଭାବକଙ୍କ ଧ୍ୟେୟ ହେଉ’

କପ୍ତିପଦା,୨୨।୧(ଡ଼ି.ଏନ୍.ଏ)– ଶୃଙ୍ଖଳିତ ଏବଂ ସଂସ୍କାରିତ ଛାତ୍ର ଗଢ଼ି ତୋଳିବା ପ୍ରତ୍ୟେକ ଅଭିଭାବକ ଓ ଶିକ୍ଷକଙ୍କ ଧ୍ୟେୟ ହେଉ ବୋଲି କପ୍ତିପଦା ବ୍ଲକ୍ ଅଧୀନ ନୁଦୁଡିହାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଶିଶୁ ମନ୍ଦିରର ସଭାପତି ବରିଷ୍ଠ ଶିକ୍ଷାବିତ୍ ଲଚ୍ଛମନ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥିଭାବେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତି ପୂର୍ବୋତ୍ତର ବିଭାଗର ସମ୍ପାଦକ ନରୋତ୍ତମ ପରିଡ଼ା, ଅନ୍ୟତମ ଅତିଥିଭାବେ ଜିଲା ପରିଷଦ ସଦସ୍ୟା ଗୀତାଞ୍ଜଳି ମହାନ୍ତି, ପଞ୍ଚାୟତ ସମିତି ସଦସ୍ୟା ଆରତୀ ଜେନା ଓ ଶିକ୍ଷା କମିଟିର କୋଷାଧକ୍ଷା ରଞ୍ଜିତା ଜେନା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଶାନ୍ତନୁ କୁମାର ରାୟ ବିବରଣୀ ପାଠ କରିଥିବାବେଳେ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ, ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଅନୁଷ୍ଠାନର ସମ୍ପାଦକ ଗୌରଚନ୍ଦ୍ର ସାହୁ। ବିଦ୍ୱାନ ପରିଷଦର ସଦସ୍ୟ ମନୋରଞ୍ଜନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବାର୍ଷିକ ପତ୍ରିକା ‘ଶ୍ୱେତପଦ୍ମ’କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପରେ ବାର୍ଷିକ କ୍ରୀଡ଼ାର ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରିଚାଳନା କମିଟିର ସଦସ୍ୟ, ଗୁରୁମାଗୁରୁଜୀ, ବିଦ୍ୱାନ ପରିଷଦର ସଦସ୍ୟାସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସରିଲା କୁନ୍ଦୁଳିଆ ମହୋତ୍ସବ
# ଡାବୁଲ ନାଚରେ ଝୁମିଲେ ଦର୍ଶକ

ବିଶୋଇ,୨୨।୧(ଡ଼ି.ଏନ୍.ଏ.)

ବିଶୋଇ ଅଞ୍ଚଳର କୁନ୍ଦୁଳିଆଠାରେ ଦିଗବିଜୟ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୩୧ ତମ ବାର୍ଷିକ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ‘କୁନ୍ଦୁଳିଆ ମହୋତ୍ସବ– ୨୦୨୦’ ଉଦ୍‌ଯାପିତ ହୋଇଯାଇଛି। ୩ ଦିନିଆ ଏହି ମହୋତ୍ସବର ଉଦ୍‌ଯାପନୀ ଦିବସରେ ପରିବେଷଣ ହୋଇଥିବା ଡ଼ାବୁଲ ନୃତ୍ୟରେ ଦର୍ଶକ ଝୁମି ଥିଲେ। ଏହି ଉତ୍ସବକୁ ବିଶୋଇ ସରପଞ୍ଚ ଘାସିନୀ ନାଏକ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ଦିବସରେ ବାଳିକାବାଳକ, ମହିଳା ଓ ପୁରୁଷ ବିଭାଗର ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେଥିମଧ୍ୟରୁ ବୟସ୍କ ମହିଳାମାନଙ୍କ ଦୌଡ଼ ପ୍ରତିଯୋଗିତା ବେଶ ଆକର୍ଷଣୀୟ ଥିଲା। ଅପରାହ୍ନରେ ଆଦିବାସୀ ସମ୍ପ୍ରଦାୟର ପାରମ୍ପରିକ ନୃତ୍ୟ ଡ଼ାଣ୍ଟା, ଡ୍ରାମା, ବୁଢ଼ୀଗାଳି ଓ ଦାସାଏଁ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ଏଥିରେ ଯୋଡ଼ିଆ ଭଞ୍ଜ ବିଶମ ଡ଼ାଣ୍ଟା ପାର୍ଟି ପ୍ରଥମ, ବିଶୋଇର ଜିଆଳ ଜୁମିଦ ବୁଢ଼ୀଗାଳି ଦଳ ଦ୍ୱିତୀୟ ଓ କୁଲଗିଡ଼ିହି ବୁଢ଼ୀଗାଳି ଦଳ ୩ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସନ୍ଧ୍ୟାରେ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବରେ ବିଜେଡି କାର୍ଯ୍ୟକାରୀ ସଭାପତି ଦେବାଶିଷ ମାରାଣ୍ଡି, ମୁଖ୍ୟବ୍ୟକ୍ତା ପ୍ରାକ୍ତନ ବ୍ଲକ ଅଧକ୍ଷ ଚୈତନ୍ୟ ହାଁସଦା, ସମ୍ମାନନୀୟ ଅତିଥି ବାଉତିବେଡା ସମିତିସଭ୍ୟ କ୍ଷୀରଦ କୁମାର ନନ୍ଦ, ଜିଲା ପରିଷଦ ସଦସ୍ୟ ଗୁରୁବା ମୁର୍ମୁ, ବିଶୋଇ ସରପଞ୍ଚ ଘାସିନୀ ନାଏକ, ଯୋଡ଼ିଆ ସରପଞ୍ଚ ଚାନ୍ଦ୍ରାୟ ସୋରେନ, ଯୁବନେତା ନିଲେଶ ରାମ, ଖେଲାରାମ ଟୁଡୁ, ହରିମୋହନ ନାଏକ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।

ଉଦ୍‌ଯାପନୀ ଦିବସରେ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଫୁଟବଲ ପ୍ରତିଯୋଗିତାରେ ସିଙ୍କିଳିଡି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ପାନପୋଷି ଟିମ୍ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଉଦ୍‌ଯାପନୀ ଦିବସରେ ମାଝୀ ହାଡ଼ାମ ଜାସାଇ ହେମ୍ବ୍ରମ, ଆଦିତ୍ୟ ମାଇତି, ପ୍ରଫେସର ଯଶୋବନ୍ତ ଶେଖର ହାଁସଦା, ଜୟରାମ ମାଝୀ, ହରିମୋହନ ନାଏକ, ଦିବାକର ସରେନ, ଖୁଦିରାମ ମାର୍ଣ୍ଡି ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। କ୍ଲବର ବରିଷ୍ଠ ସଦସ୍ୟ ଶାନ୍ତନୁ ପାତ୍ର ସଭା ପରିଚାଳନା କରିଥିବାବେଳେ ସଭାପତି ତାରାଶଙ୍କର ସାମନ୍ତ, ସମ୍ପାଦକ ରାଜୀବ ନାଏକ, କୋଷାଧକ୍ଷ ଅଭିଷେକ ମାଇତି ଓ କିରଣ କୁମାର ପାତ୍ରଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ମଞ୍ଚାସୀନ ଅତିଥି ଓ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଗୁରୁବାର, ଜାନୁୟାରୀ ୨୩/୨୦୨୦ Balasore, Thursday, January 23/2020

# ଭିଜିଲାନ୍ସ ଜାଲରେ ଶ୍ରମ ବିଭାଗର ଦୁଇ କର୍ମଚାରୀ

**ବାଲେଶ୍ୱର ଅଫିସ, ୨୨।୧**

ବାଲେଶ୍ୱର ଜିଲା ଏଡ଼ିଏମ୍ ଛକସ୍ଥିତ ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଦୀର୍ଘଦିନ ହେଲା ଶ୍ରମିକ କାର୍ଡ଼ ପ୍ରସ୍ତୁତ ପାଇଁ ଲାଞ୍ଚ କାରବାର ହେଉଥିବା ଅଭିଯୋଗ ହୋଇଆସୁଥିଲା। ଭିଜିଲାନ୍ସ ପକ୍ଷରୁ ବୁଧବାର ପୂର୍ବାହ୍ଣ ସାଢ଼େ ୧୧ଟା ବେଳେ ଚଢ଼ାଉ କରାଯାଇଥିଲା। ଏଥିରେ ଜଣେ କିରାଣି ଲେବର ଲାଇସେନ୍ସ ପାଇଁ ୩ହଜାର ଟଙ୍କା ଲାଞ୍ଚ ନେଇ ତାଙ୍କର ସହଯୋଗୀ ଡାଟାଏଣ୍ଟ୍ରି ଅପରେଟରଙ୍କ ପାଖରେ ଲୁଚାଇ ଦେବାକୁ ଯାଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡ଼ି ଗିରଫ ହୋଇଛନ୍ତି।

ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ କିରାଣି ଭାବେ କାର୍ଯ୍ୟ କରୁଥିବା ସତ୍ୟବ୍ରତ ବେହେରା ଠିକାଦାରମାନଙ୍କ ପାଇଁ ଲେବର ଲାଇସେନ୍ସ ରିନୁଆଲ ଦାୟିତ୍ୱରେ ରହିଥିଲେ। ନୀଳଗିରି ଏନ୍ଏସି ଅନ୍ତର୍ଗତ କାହାଲିଆ ଅଞ୍ଚଳର ରାକେଶ ମହଲ ନିଜର ଲେବର ଲାଇସେନ୍ସ ନବୀକରଣ ପାଇଁ ବିଧିବଦ୍ଧ ଭାବେ ଆବେଦନ କରିଥିଲେ। କିନ୍ତୁ ଦୀର୍ଘଦିନ ଧରି ନ ପାଇବାରୁ ଏହାର କାରଣ କିରାଣି ବେହେରାଙ୍କୁ ପଚାରିବାରୁ ଟଙ୍କା ନ ଦେଲେ ତାହା କାର୍ଯ୍ୟକାରୀ ହେବ ନାହିଁ ବୋଲି ଜିଲା ଶ୍ରମ ଅଧିକାରୀ କହିଥିବା କହିଥିଲେ। କେତେ ଟଙ୍କା ଦେବାକୁ ପଡ଼ିବ ବୋଲି ପଚାରି ବୁଝିବାରୁ କିରାଣି ବେହେରା ୩ହଜାର ଟଙ୍କା ଦାବି କରିଥିଲେ। ଏହାପରେ ରାକେଶ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ପୂର୍ବ ପ୍ରସ୍ତୁତ ହୋଇ ଭିଜିଲାନ୍ସ ଟିମ୍ ରାକେଶ ହାତରେ ଟଙ୍କା ଦେଇ ବୁଧବାର ପୂର୍ବାହ୍ଣ ୧୧ଟାରେ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟକୁ ପଠାଇଥିଲେ। ଯୋଜନା ମୁତାବକ ରାକେଶ କିରାଣି ବେହେରାଙ୍କୁ ୩ହଜାର ଟଙ୍କା ପ୍ରଦାନ କରିଥିଲେ। ସଙ୍ଗେ ସଙ୍ଗେ ଉକ୍ତ ଟଙ୍କାକୁ କିରାଣି ବେହେରା ଡାଟା ଅପରେଟର ମିନାକ୍ଷୀ ସିଂଙ୍କୁ ରଖିବାକୁ ଦେଇଥିଲେ। ଉକ୍ତ ସମୟରେ ଭିଜିଲାନ୍ସ ବିଭାଗର କର୍ମଚାରୀମାନେ ଡାଟା ଏଣ୍ଟ୍ରି ଅପରେଟରଙ୍କ ନିକଟରୁ ଟଙ୍କା ଜବତ କରିବା ପରେ ଡାଟାଏଣ୍ଟ୍ରି ଅପରେଟର ଓ କିରାଣିଙ୍କୁ ଗିରଫ କରି ଭିଜିଲାନ୍ସ ଅଫିସ୍‌କୁ ନେଇଥିଲେ। ଏହାପରେ କିରାଣିଙ୍କ ବାସଭବନ ଓ ଅଫିସ୍ ଚଢ଼ାଉ କରାଯାଇ ତଦନ୍ତ କରାଯାଇଥିଲା। ବାଲେଶ୍ୱର ଭିଜିଲାନ୍ସ ଡିଏସ୍‌ପି ସନ୍ତୋଷ କୁମାର ସମାନ୍ତରାୟ, ଭଦ୍ରକ ଡିଏସ୍‌ପି ସଞ୍ଜୟ କୁମାର ଦାସମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉରେ ସାମିଲ ହୋଇଥିଲେ।


କିରାଣି ଓ ଡାଟାଏଣ୍ଟ୍ରି ଅପରେଟରଙ୍କୁ ଗିରଫ କରି ନିଆଯାଉଛି।

# ପୋଷ୍ୟ ସନ୍ତାନ ଗ୍ରହଣ କଲେ କେରଳ ଦମ୍ପତି

**ବାଲେଶ୍ୱର ଅଫିସ, ୨୨।୧**

ବାଲେଶ୍ୱର ଶିଶୁ ମଙ୍ଗଳ କମିଟିର ୪ ବର୍ଷର କନ୍ୟାସନ୍ତାନକୁ ବୁଧବାର କେରଳର କେ.ବି. ସୁବାସ ଓ ରୀତା ସୁବାସ ନାମ୍ନୀ ଦମ୍ପତି ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରିଛନ୍ତି। ଉକ୍ତ ଦମ୍ପତି ୩ବର୍ଷ ପୂର୍ବରୁ ଏକ ପୋଷ୍ୟ ସନ୍ତାନ ଗ୍ରହଣ ସକାଶେ ଆଇନ ଅନୁଯାୟୀ ଅନ୍‌ଲାଇନ୍‌ରେ ଦରଖାସ୍ତ ଆଗତ କରି ସନ୍ତାନଟିଏ ପାଇବା ପାଇଁ ଅପେକ୍ଷା କରିଥିଲେ। ଜିଲା ଶିଶୁମଙ୍ଗଳ କମିଟିର ଅଧ୍ୟକ୍ଷ ଭାଗିରଥି ବାରିକ୍, ସଦସ୍ୟା ଗୌରୀରାଣୀ ଉପାଧ୍ୟାୟ, ସଦସ୍ୟ ପଦ୍ମଲୋଚନ ଦତ୍ତ, ଆଶିଷ ଘୋଷ୍, ଗଣେଶ୍ୱର ରାଉତ ତଥା ଶିଶୁ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ସତ୍ୟରଞ୍ଜନ ସ୍ୱାଇଁ ଓ ସୌମେନ୍ ଗିରିଙ୍କ ଉପସ୍ଥିତିରେ ପୋଷ୍ୟ ମାତା ପିତା ଉପରୋକ୍ତ କନ୍ୟାକୁ ନିଜ ଘରକୁ ନେଇଥିଲେ। ପିଲାଟିର ଉପଯୁକ୍ତ ଯତ୍ନ, ସୁରକ୍ଷା, ଶିକ୍ଷା ଓ ପରିପୁଷ୍ଟ ଖାଦ୍ୟ ପ୍ରତି ବିଶେଷ ଯତ୍ନବାନ ହେବାକୁ ଶିଶୁମଙ୍ଗଳ କମିଟି ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟ ସମ୍ପାଦନ ପାଇଁ ଅଫିସ୍ ସହାୟକ ଦେବାଶିଷ ବେହେରା ସହଯୋଗ କରିଥିଲେ।


ଅଧିକାରୀଙ୍କ ଉପସ୍ଥିତିରେ କେରଳ ଦମ୍ପତି ପୋଷ୍ୟ ସନ୍ତାନ ଗ୍ରହଣ କରୁଛନ୍ତି।

## ସଂକ୍ଷେପରେ

### ସଫା ଆଳରେ ସୁନାଗହଣା ଲୁଟ୍

**ଧାମନଗର, ୨୨।୧(ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ ପଳିକିରି ମେଳଣଡିହି ଗ୍ରାମର ଆରତି ଦାସ ନାମ୍ନୀ ଜଣେ ମହିଳାଙ୍କଠାରୁ ସଫା ଆଳରେ ସୁନାଗହଣା ଲୁଟ୍ ହୋଇଥିବା ଧାମନଗର ଥାନାରେ ଅଭିଯୋଗ କରାଯାଇଛି। ଅଭିଯୋଗ ଅନୁସାରେ, ବୁଧବାର ପୂର୍ବାହ୍ନରେ ଦୁଇଜଣ ଅଚିହ୍ନା ଯୁବକ ସୁନା ଗହଣା ସଫା କରିବା ପାଇଁ ଆସି ଆରତିଙ୍କ ଘରେ ପହଞ୍ଚିଥିଲେ। ସେମାନେ ପ୍ରଥମେ ଆରତିଙ୍କ ପାଉଁଜି ସଫା କରିବାକୁ ମାଗିଥିଲେ। ଏହାପରେ ଆଉ କ'ଣ ସୁନାଗହଣା ସଫା କରିବା ପାଇଁ ଅଛି ଆଣିବାକୁ କହିବାରୁ ଆରତି ନିଜ ମଙ୍ଗଳସୂତ୍ର, ମୁଦି, କାନଫୁଲ ଇତ୍ୟାଦି ଆଣି ଦେଇଥିଲେ। ସଫା ଆରମ୍ଭ କରିବାକୁ ଯାଇ ଘରୁ ଟିକିଏ ହଳଦୀ ପାଣି ଏକ ଗିନାରେ ଆଣିବାକୁ ସେମାନେ ଆରତିଙ୍କୁ କହିଥିଲେ। ଆରତି ଘର ଭିତରୁ ହଳଦୀ ପାଣି ଆଣି ଲୁଟେରାମାନେ ଗହଣା ନେଇ ଚମ୍ପଟ ମାରିଥିବା ଦେଖିଥିଲେ। ସୁନାର ପରିମାଣ ପ୍ରାୟ ୩ ଭରି ହେବ ବୋଲି ସେ ଦର୍ଶାଇଛନ୍ତି। ବହୁ ଖୋଜାଖୋଜି ପରେ ଲୁଟେରାଙ୍କ ସନ୍ଧାନ ନ ପାଇ ସେ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି।

### ସମୀବୃକ୍ଷରୁ ପଡ଼ି ଯୁବତୀଙ୍କ ପ୍ରାଣଗଲା

**କପ୍ତିପଦା, ୨୨।୧(ଡ଼ିଏନ୍ଏ):** ପୌରାଣିକ କୀର୍ତ୍ତିପୀଠ ସମୀବୃକ୍ଷକୁ ମକର ମେଳା ବୁଲିବାକୁ ଯାଇ ପାହାଡ଼ ଚଢ଼ୁଥିବା ବେଳେ ଖସି ପଡ଼ି ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ମୃତ ଯୁବତୀ ଜଣକ ହେଲେ ଚକ୍ରଧରପୁର ପଞ୍ଚାୟତ ଇଟାଗଡ଼ ଗ୍ରାମର କାର୍ମୀ ମୁର୍ମୁ। ସେ ତାଙ୍କ ପରିବାର ଲୋକଙ୍କ ସହିତ ମକର ମେଳା ବୁଲିବାକୁ ଯାଇଥିଲେ। ପାହାଡ଼ ଚଢ଼ୁଥିବାବେଳେ ଉପରୁ ଏକ ପଥର ଖଣ୍ଡ ଖସି ଆସିବାରୁ ଭାରସାମ୍ୟ ହରାଇ ତଳକୁ ଖସି ପଡ଼ିଥିଲେ। ଚିକିତ୍ସା ପାଇଁ ତାଙ୍କୁ ଉଦଳା ଡାକ୍ତରଖାନା ଓ ଅବସ୍ଥା ଗୁରୁତର ହେବାରୁ ବାରିପଦା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

### ପ୍ରାତଃ ଭ୍ରମଣ ବେଳେ ଛାତ୍ରଙ୍କ ଆକସ୍ମିକ ମୃତ୍ୟୁ

**ଠାକୁରମୁଣ୍ଡା, ୨୨।୧(ଡ଼ି.ଏନ୍.ଏ.):** ପ୍ରାତଃ ଭ୍ରମଣ ସମୟରେ ବୁଧବାର କରଞ୍ଜିଆ ସ୍ୱୟଂ ଶାସିତ ମହାବିଦ୍ୟାଳୟ +୩ ଦ୍ୱିତୀୟ ବର୍ଷରେ ଅଧ୍ୟୟନ କରୁଥିବା ଜଣେ ଛାତ୍ରଙ୍କ ଆକସ୍ମିକ ମୃତ୍ୟୁ ଘଟିଛି। ମୃତକ ହେଲେ ବିଶ୍ୱରଞ୍ଜନ ବେହେରା। କରଞ୍ଜିଆ କଲେଜ ନିକଟରେ ରହୁଥିବା ବିଶ୍ୱରଞ୍ଜନ ସବୁ ଦିନ ଭଳି ସାଙ୍ଗମାନଙ୍କ ସହିତ ପ୍ରାତଃ ଭ୍ରମଣରେ ଯାଉଥିବା ସମୟରେ ହଠାତ୍ କରଞ୍ଜିଆ କଚେରୀ ନିକଟରେ ପଡ଼ି ଯାଇଥିଲେ। ସାଙ୍ଗରେ ଚାଲଚାଲି ଯାଉଥିବା ବନ୍ଧୁମାନେ ତାଙ୍କୁ ସେଠାରୁ ଆଣି କରଞ୍ଜିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ ମଧ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବିଶ୍ୱରଞ୍ଜନଙ୍କ ମୃତ୍ୟୁପରେ କରଞ୍ଜିଆ କଲେଜର କଲଚରାଲ ବିଭାଗରେ ହେବାକୁ ଥିବା କାର୍ଯ୍ୟକ୍ରମକୁ ବାତିଲ କରି ଦିଆଯାଇଛି। ଏଥିସହିତ କଲେଜ ପରିସରରେ ଛାତ୍ରୀଛାତ୍ର, ଅଧାପକ,କର୍ମଚାରୀମାନଙ୍କ ଦ୍ୱାରା ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା।

### ଜୀବନବୀମା ଏଜେଣ୍ଟ ଫେଡ଼େରେଶନ ପକ୍ଷରୁ ଗଣଧାରଣା

**ଜଳେଶ୍ୱର, ୨୨।୧(ଡି.ଏନ.ଏ.):** ଜୀବନବୀମା ଏଜେଣ୍ଟ ଫେଡ଼େରେଶନ ପକ୍ଷରୁ ଜଳେଶ୍ୱର ଜୀବନବୀମା ଶାଖା କାର୍ଯ୍ୟାଳୟ ସମ୍ମୁଖରେ ଦିବସ ବ୍ୟାପୀ ଶତାଧିକ ଏଜେଣ୍ଟ ଗଣଧାରଣାରେ ବସିଥିଲେ। ଜୀବନବୀମା ପଲିସି ଉପରେ ଜିଏସ୍‌ଟି ଆଦାୟ ବନ୍ଦ କରିବା, ପଲିସିରେ ବୀମାଧାରୀଙ୍କୁ ଅଧିକ ବୋନସ ପ୍ରଦାନ କରିବା, ପଲିସି ଗ୍ରାହକଙ୍କୁ ଉନ୍ନତମାନର ସେବା, ସ୍ୱାସ୍ଥ୍ୟ ବୀମା ନିମନ୍ତେ ଉନ୍ନତମାନର ସେବା ଦେବା ଦାବିରେ ଫେଡେରେଶନ ସଭାପତି ଭାସ୍କର ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ଗଣଧାରଣା ଦିଆଯାଇଥିଲା। ସାଧାରଣ ସମ୍ପାଦକ ସୁନୀଲ ପରିଡା, ସଙ୍ଗଠନ ସମ୍ପାଦକ ମନୋରଞ୍ଜନ ଦାସ, କୋଷାଧ୍ୟକ୍ଷ ହେରମ୍ବ ପ୍ରସାଦ ନନ୍ଦ, ସୁଜୟ କର, ମଧୁସୂଦନ ଜେନା, ଗୋବିନ୍ଦ ସାହୁ, ଅନାଦି ସାହୁ, ଗୋପାଳ ମହାପାତ୍ର, ତପନ ପରିଡା, ନିତାଇଲାଲ ଦେ, ତାପସ ଦାସ, ପ୍ରିୟବ୍ରତ ଜେନା, ପ୍ରତାପ ମହାନ୍ତି, ଅନନ୍ତ ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

# ଜାଲ ଟିକଟ ବିକ୍ରି ଅଭିଯୋଗରେ ୨ ଗିରଫ

**ବାଲେଶ୍ୱର ଅଫିସ, ୨୨।୧**

ଜାଲ ଟିକଟ ବିକ୍ରି କରୁଥିବା ଅଭିଯୋଗରେ ରେଲୱେ ଡିଭିଜନାଲ ଟାସ୍କଫୋର୍ସ ଟିମ୍ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ସୋର ଅଞ୍ଚଳର ଜଗନ୍ନାଥ ଦାସ ଓ ରେଳ ବିଭାଗର ଆର୍‌ଏମ୍‌ଏସ୍ କର୍ମଚାରୀ ହେମନ୍ତ ପୃଷ୍ଟି ରେଳ ଟିକଟକୁ କଳାବଜାରୀ ମାଧ୍ୟମରେ ରାଜ୍ୟ ବାହାରକୁ ଚାଲାଣ କରୁଥିଲେ। ଖବରପାଇ ଉକ୍ତ ଟିମ୍ ଅଭିଯୁକ୍ତମାନଙ୍କୁ ଠାବ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ବୁଧବାର ପୂର୍ବାହ୍ଣ ୧୧ଟାରେ ସୋର ରେଳଷ୍ଟେଶନରୁ ହାଇଦ୍ରାବାଦ-ହାୱଡ଼ା ଏକ୍ସପ୍ରେସ୍‌ରେ ଚଢ଼ି ଯାଉଥିବା ଜଗନ୍ନାଥଙ୍କୁ ଟିମ୍ ଗିରଫ କରିବା ପରେ ବାଲେଶ୍ୱରରେ ହେମନ୍ତଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୧୭ହଜାର ୨୩୫ ଟଙ୍କା ମୂଲ୍ୟର ୫ଟି ତତ୍କାଳ ଟିକଟ ସହ ନଗଦ ୪ହଜାର ୧ଶହ ଟଙ୍କା ଜବତ କରାଯାଇଥିବା ଟିମ୍‌ର ଏଏସ୍‌ଆଇ ସତ୍ୟରଞ୍ଜନ ମଲ୍ଲିକ ପ୍ରକାଶ କରିଛନ୍ତି।


ଗିରଫ ୨ ଅଭିଯୁକ୍ତ।

# ଜଳିଗଲା ୧୪ ବଖରା


ବାସୁଦେବପୁର ବଳିବିନ୍ଧା ଗ୍ରାମରେ ପୋଡ଼ିଯାଇଥିବା ଘର।

**ବାସୁଦେବପୁର/ଧାମନଗର, ୨୨।୧(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ଓ ଧାମନଗର ବ୍ଲକ ଅଞ୍ଚଳରେ ଅଗ୍ନିକାଣ୍ଡ ଘଟି ୧୪ ବଖରା ଘର ଜଳି ଯାଇଛି। ସୂଚନା ଅନୁଯାୟୀ, ବାସୁଦେବପୁର ବ୍ଲକ ବଳିବିନ୍ଧା ଗ୍ରାମର ଚାରିଘରିଆ ସାହିରେ ମଙ୍ଗଳବାର ରାତିରେ ଅଗ୍ନିକାଣ୍ଡ ଘଟି ୭ ପରିବାରର ୧୦ ବଖରା ଜଳିଯାଇଛି। ଏହି ଅଗ୍ନିକାଣ୍ଡରେ ପ୍ରାୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ପୋଡ଼ିଯାଇଥିବା ଜଣାପଡ଼ିଛି। ଅଗ୍ନିକାଣ୍ଡର ଠିକ୍ କାରଣ ଜଣାପଡ଼ି ନାହିଁ। ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ସବୁକିଛି ପୋଡ଼ି ନଷ୍ଟ ହୋଇଯାଇଥିଲା। ପରେ ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ପୂର୍ଣ୍ଣଚନ୍ଦ୍ର ବେହେରା, ଜୟରାମ ବେହେରା, କୈଳାସ ବେହେରା, ରମାକାନ୍ତ ବେହେରା, ହେମନ୍ତ ବେହେରା, ସୁବାସ ଚନ୍ଦ୍ର ବେହେରା ଓ ଦୁର୍ଯ୍ୟୋଧନ ବେହେରାଙ୍କ ଘର ପୋଡ଼ି ଯାଇଛି। ବୁଧବାର ସକାଳେ ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ପୂର୍ବତନ କାଉନସିଲର ଗଙ୍ଗାଧର ବାରିକ ପ୍ରମୁଖ ପହଞ୍ଚି ଅଗ୍ନିବିପନ୍ନଙ୍କୁ ସମବେଦନା ଜଣାଇଛନ୍ତି। ରାଜସ୍ୱ ବିଭାଗ ଅଧିକାରୀ ଏହି ଗ୍ରାମକୁ ଆସି କ୍ଷୟକ୍ଷତି ଆକଳନ କରିଛନ୍ତି। ଅଗ୍ନିବିପନ୍ନ ପରିବାରକୁ ସହାୟତା ପ୍ରଦାନ ଲାଗି ଦାବି ହୋଇଛି। ଧାମନଗର ବ୍ଲକ ପଧାନୀ ପଞ୍ଚାୟତ ରାମରାକୁଳ ଗ୍ରାମର ବିଜୟ ସାହୁ ଏବଂ ଅଜୟ ସାହୁଙ୍କର ଦୁଇ ବଖରା ଲେଖାଏ ୪ ବଖରା ବାସଗୃହ ଜଳିଯାଇଛି। ଧାମନଗର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ। ବିଦ୍ୟୁତ୍ ଶର୍ଟସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି।

## ନେସ୍କୋ ଡେପୁଟି ମ୍ୟାନେଜରଙ୍କ ସନ୍ଦେହଜନକ ମୃତ୍ୟୁ

**ରାଇରଙ୍ଗପୁର, ୨୨।୧(ଡ଼ି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ନେସ୍କୋ ବିଦ୍ୟୁତ୍ ଡିଭିଜନର ଡେପୁଟି ମ୍ୟାନେଜର ଇଂ.ସୁର କୁମାର ଗୁଡ୍ଡୁଙ୍କ ବୁଧବାର ପୂର୍ବାହ୍ନରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ରାଇରଙ୍ଗପୁର ସ୍ଥିତ ଭଡ଼ା ଘରେ ସେ ହଠାତ୍ ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ ବିଭାଗୀୟ କର୍ମଚାରୀମାନେ ଚିକିତ୍ସା ପାଇଁ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଡେପୁଟି ମ୍ୟାନେଜରଙ୍କ ଘର କେନ୍ଦୁଝର ଜିଲା ସଦର ଥାନା ଅଧୀନ ଗୋପୀନାଥପୁର ଗ୍ରାମରେ ବୋଲି ଜଣାପଡ଼ିଛି। ମୃତ୍ୟୁ ଖବର ପାଇ ତାଙ୍କ ସ୍ତ୍ରୀ ଲିଲିମଣି ଗୁଡ୍ଡୁଙ୍କ ସମେତ ପରିବାର ବର୍ଗ ରାଇରଙ୍ଗପୁରରେ ପହଞ୍ଚିଛନ୍ତି। ତାଙ୍କର ଦୁଇ କନ୍ୟା ଥିବା ଜଣାପଡିଛି। ରାଇରଙ୍ଗପୁର ନେସ୍କୋ ଡିଭିଜନ ନିର୍ବାହୀ ଯନ୍ତ୍ରୀ ଚିନ୍ମୟ ବେହେରା, ସହକାରୀ ଯନ୍ତ୍ରୀ ଗିରିଧାରୀ ସାହୁ, କନିଷ୍ଠ ଯନ୍ତ୍ରୀ ମୃଣ୍ମୟ ଆଇଚଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ଡାକ୍ତରଖାନାରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧/୨୦) ରୁଜୁ ହୋଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ।

## ଏସ୍‌ଟିଏଫ୍ ଚଢ଼ାଉ: ଗଞ୍ଜେଇ ଜବତ, ଜଣେ ଅଟକ

**ଭଦ୍ରକ ଅଫିସ, ୨୨।୧**

ଭୁବନେଶ୍ୱର ଏସ୍‌ଟିଏଫ୍‌ର ଏକ ୫ ଜଣିଆ ଟିମ୍ ଭଦ୍ରକ ପୁରୁଣାବଜାର ଅଞ୍ଚଳରେ ଚଢ଼ାଉ କରି ବୁଧବାର ମଧ୍ୟାହ୍ନରେ ଜଣେ ବୃଦ୍ଧଙ୍କୁ ନେଇ ଅଟକ ରଖିଛି। ତାଙ୍କ ନିକଟରୁ ନଗଦ ଟଙ୍କା ସହ ବିପୁଳ ପରିମାଣର ଗଞ୍ଜେଇ ଓ ଅଫିମ ଏହି ଟିମ୍ ଜବତ କରିଥିବା ସୂଚନା ମିଳିଛି। ତେବେ ତଦନ୍ତ ଚାଲିଥିବାରୁ ଗିରଫ ବୃଦ୍ଧଙ୍କ ନାମ, ଜବତ ଟଙ୍କା, ଗଞ୍ଜେଇ ଓ ଅଫିମ ବିଷୟରେ ଏସ୍‌ଟିଏଫ୍ କୌଣସି ସ୍ପଷ୍ଟ ସୂଚନା ଦେଇ ନାହିଁ। ତଦନ୍ତ ପରେ ସମସ୍ତ ସୂଚନା ଦିଆଯିବ ବୋଲି ଏସ୍‌ଟିଏଫ୍‌ର ନେତୃତ୍ୱ ନେଉଥିବା ଡିଏସ୍‌ପି ବିଳାସିନୀ ନାୟକ କହିଛନ୍ତି।

# ସଡ଼କ ଦୁର୍ଘଟଣାରେ ଛାତ୍ର ମୃତ୍ୟୁକୁ ନେଇ ପ୍ରଧାନ ଶିକ୍ଷକ ନିଲମ୍ବିତ

**ଜଳେଶ୍ୱର, ୨୨।୧(ଡି.ଏନ.ଏ./ସ୍ୱ.ପ୍ର.)**

ଜଳେଶ୍ୱର ନୋଡ଼ାଲ ଟାଉନ ହାଇସ୍କୁଲର ବାର୍ଷିକ ଉତ୍ସବ ପାଇଁ ନିମନ୍ତ୍ରଣପତ୍ର ବାଣ୍ଟିବାକୁ ଯାଇଥିବା ଜଣେ ଛାତ୍ରଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଦାୟୀ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭବାନୀ ଶଙ୍କର ପାଲଙ୍କ ବିରୋଧରେ ବାଲେଶ୍ୱର ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆଦେଶ (ନଂ-୫୧୨/୧୭।୧।୨୦) ଅନୁଯାୟୀ ତାଙ୍କୁ ନିଲମ୍ବିତ କରିଛନ୍ତି। ନିଲମ୍ବିତ ପ୍ରଧାନ ଶିକ୍ଷକଙ୍କ ମୁଖ୍ୟ କାର୍ଯ୍ୟାଳୟ ଭାବେ କମର୍ଦ୍ଦାସ୍ଥିତ ଜଗନ୍ନାଥ ହାଇସ୍କୁଲକୁ ବଦଳି କରାଯାଇଛି। ଗତ ଡିସେମ୍ବର ୨୦ତାରିଖରେ ଜଳେଶ୍ୱର ଟାଉନ ନୋଡ଼ାଲ ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ର ସବ୍ୟସାଚୀ ବେହେରା ବାର୍ଷିକ ଉତ୍ସବ ଉପଲକ୍ଷେ ନିମନ୍ତ୍ରଣପତ୍ର ବାଣ୍ଟିବା ପାଇଁ ଯାଇଥିବା ବେଳେ ନୂଆବଜାର ରେଳ ଫାଟକ ନିକଟରେ ଏକ ଇଟା ବୋଝେଇ ଇଞ୍ଜିନ ଚାଳିତ ରିକ୍ସା ଓଲଟି ପଡ଼ିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଛାତ୍ରଙ୍କ ଅଭିଭାବକ ଓ ସ୍ଥାନୀୟ ଜନସାଧାରଣ ଏଥିନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଦାୟୀ କରିବା ସହିତ ଦାୟୀ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଥିଲେ। ନିମନ୍ତ୍ରଣପତ୍ର ବାଣ୍ଟିବା ପାଇଁ ପିଅନକୁ ନ ପଠାଇ ଛାତ୍ରମାନଙ୍କୁ ପଠାଇଥିବାରୁ ପ୍ରଧାନ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ବୋଲି ଆଲୋଚନା ହେଉଛି।

## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**ପଦ୍ମପୁର, ୨୨।୧(ଡି.ଏନ.ଏ.)-** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବିରସ ପଞ୍ଚାୟତ ଅଧୀନ କେରସାହି ଗ୍ରାମର ଅର୍ଜୁନ ସେନାପତି(୭୫)ଙ୍କର ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଅର୍ଜୁନ ମଙ୍ଗଳବାର ରାତିରେ ଶୌଚ ହେବା ପାଇଁ ଯାଇ ଘରକୁ ଫେରି ନ ଥିଲେ। ପରିବାର ଲୋକ ଖୋଜାଖୋଜି କରି ସକାଳୁ ତାଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖିଥିଲେ। ଖବର ପାଇ ନାୟକାଣିଡିହୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୨/୨୦) ରୁଜୁ ହୋଇଛି।




# ଦାବି ପୂରଣ ନ ହେଲେ ରେଳରୋକୋ

**ତିହିଡ଼ି, ୨୨।୧(ଡି.ଏନ.ଏ.)**

## ଜିଲାପାଳଙ୍କୁ ଚାଷୀ କ୍ରିୟାନୁଷ୍ଠାନ କମିଟିର ଦାବିପତ୍ର

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଗଦି ବଜାର ଚାଷୀ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୧୦ ଦଫା ଦାବି ପୂରଣ ପାଇଁ ବୁଧବାର ଜିଲାପାଳଙ୍କ ନିକଟକୁ ଡାକ ଯୋଗେ ଦାବିପତ୍ର ପଠାଯାଇଛି। ଏହି ଦାବି ପୂରଣ କରା ନ ଗଲେ ରେଳରୋକୋ କରାଯିବ ବୋଲି କମିଟି ଚେତାବନୀ ଦେଇଛି। କମିଟି ପକ୍ଷରୁ ଦର୍ଶାଯାଇଛି ଯେ, ରାଜନଗର, ଜାମଯୋଡ଼ି, ନରେନ୍ଦ୍ରପୁର ଓ ବାମନବିନ୍ଧା ପଞ୍ଚାୟତରେ ଚାଷୀମାନେ ଧାମରା ବନ୍ଦର ପାଇଁ ଜମି ହରାଇଥିଲେ। ଜମି ଅଧିଗ୍ରହଣ ପରେ କମ୍ପାନୀ ପକ୍ଷରୁ ବିଭିନ୍ନ ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ଏହା ପୂରଣ ହୋଇପାରି ନାହିଁ। ଏହାର ପ୍ରତିବାଦରେ ପୂର୍ବରୁ ୩ ଥର ରେଳରୋକୋ କରାଯାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଏହି ପରିପ୍ରେକ୍ଷୀରେ ଗଦି-ଘଣ୍ଟେଶ୍ୱର ରାସ୍ତାପାଖ କେନାଲର ଲୁଣିପଦା ନିକଟରେ ପୋଲ ନିର୍ମାଣ, କାନପୁରଠାରୁ ଗୁରୁଦାସପୁର ମଧ୍ୟରେ ରେଳପଥର ଅପରପାର୍ଶ୍ୱକୁ ଯିବା ପାଇଁ ୪ଟି ର୍‌ୟାମ୍ପ ନିର୍ମାଣ, ଦରପୁର, ସପନିବିନ୍ଧା ଲେଭଲ କ୍ରସିଂ ପାଖରେ ହାଇମାଷ୍ଟ ଲାଇଟ ଲଗାଯିବା, ରାଜନଗର ପଞ୍ଚାୟତ କାର୍ଯ୍ୟାଳୟ ପଶ୍ଚିମ ପଟରେ ଥିବା ପଡ଼ିଆକୁ ଖେଳପଡ଼ିଆ କରାଯିବା, ଖାଡ଼ଙ୍ଗା କେନାଲ ସମେତ ସଂଲଗ୍ନ କେନାଲକୁ ପୁନରୁଦ୍ଧାର ଓ ଜମି ହରାଇଥିବା ଚାଷୀଙ୍କ ପିଲାମାନଙ୍କୁ ସ୍ଥାୟୀ ନିଯୁକ୍ତି ଇତ୍ୟାଦି ଦାବି ଉପସ୍ଥାପନ କରାଯାଇଛି। ଧାମରା ବନ୍ଦର କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ମଧ ଦାବିପତ୍ର ପ୍ରଦାନ କରାଯାଇଛି। କମିଟିର ସଭାପତି ସନ୍ଥଚରଣ ବିଶ୍ୱାଳ, ସମ୍ପାଦକ ଶ୍ରୀଧର ପ୍ରସାଦ ନାୟକଙ୍କ ସମେତ ରାଜନଗର ସରପଞ୍ଚ ସନାତନ ବାରିକ, ନରେନ୍ଦ୍ରପୁର ସରପଞ୍ଚ ସୁବାସ ଚନ୍ଦ୍ର ସେଠୀ, ଜାମଯୋଡ଼ି ସରପଞ୍ଚ ଝରଣା ବିଶ୍ୱାଳ, ଚାଷୀ ଆନନ୍ଦ ଚନ୍ଦ୍ର ପାଣିଗ୍ରାହୀ, ମହେନ୍ଦ୍ର ବଳ, ଅଶୋକ କୁମାର ବେହେରା, ଆଲୋକ ପଲାଇ, ବଳରାମ ଧଳ, ପ୍ରଫୁଲ୍ଲ ନାୟକ ପ୍ରମୁଖ ଦାବିପତ୍ର ପଠାଇଛନ୍ତି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

